# ମାଆ ଗୃହ ନାମରେ ନିମ୍ନମାନର ପାଇଖାନା, ଗାଧୁଆ ଘର

- ବ୍ୟୟ ବରାଦ ହୋଇଛି ୫ ଲକ୍ଷ ଟଙ୍କା
- ଟିଣ ପକାଇ କାମ ସାରି ଦେବାକୁ ମସୁଧା
- ଭିଜିଲାନ୍ସ ତଦନ୍ତ ହେଲେ ଜଣାପଡିବ ସତ୍ୟାସତ୍ୟ

**ନବରଙ୍ଗପୁର,୨୪।୩(ସଦାଶିବ ପ୍ରହରାଜ)**




ମାଆ ଗୃହ ପାଇଁ ନିର୍ମାଣାଧୀନ ପାଇଖାନା ।

ମାଆ ଗୃହ ପାଇଁ ନିର୍ମାଣାଧୀନ ପାଇଖାନା ଓ ଗାଧୁଆ ଘର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ନିମ୍ନମାନର କାମ କରାଯିବା ସହ ବ୍ୟାପକ ଅର୍ଥ ହେରଫେର ପାଇଁ ମସୁଧା ଚାଲିଛି। ବିନା ଟେଣ୍ଡେରରେ ବିଭାଗୀୟ ଯନ୍ତ୍ରୀ କାମ କରୁଛନ୍ତି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହକାରୀ ଯନ୍ତ୍ରୀ ସନ୍ତୋସ ଦାସଙ୍କୁ ପଚାରିଲେ ସେ ପ୍ରତିକ୍ରିୟାଶୀଳ ହୋଇ ଉଠୁଥିବା ଦେଖିବାକୁ ମିଳୁଛି।

ଖବରରୁ ଜଣାପଡିଛି, ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦାଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ଟିଣ ଛପର ମାଆଗୃହକୁ ଗ୍ରାମ୍ୟ ବିକାଶ ସଙ୍ଗଠନ ମରାମତି କରି ସେଠାରେ ୧୫ ଶଯ୍ୟା ବିଶିଷ୍ଟ ବେଡ଼ ପକାଇବା ସହ ଷ୍ଟାଫ ରହିବା ଓ ଆଲୋକ ବ୍ୟବସ୍ଥା ନିଜ ଖର୍ଚ୍ଚରେ କରୁଛନ୍ତି। ଏହାବ୍ୟତୀତ ସଙ୍ଗଠନ ପକ୍ଷରୁ ମାଆ ଗୃହ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତିକୁ ମଧ ଭଡା ପ୍ରଦାନ କରାଯିବ। ଏହି ମାଆ ଗୃହରେ ୧୫ ଜଣ ଗର୍ଭବତୀ ରହି ପାରିବେ। ଏନେଇ ପାଇଖାନା ଓ ଗାଧୁଆ ଘର ନ ଥିବାରୁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ନିର୍ମାଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ତେବେ ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପୂର୍ବରୁ ରହିଥିବା ଅର୍ଦ୍ଧନିର୍ମିତ ଗୃହ ଉପରେ ୪ଟି ପାଇଖାନା ଓ ୨ଟି ଗାଧୁଆ ଘର ଟିଣ ଛପର କରି ନିର୍ମାଣ କରାଯାଇଛି। ପାଇଖାନା ପ୍ୟାନଗୁଡିକ ନିମ୍ନମାନର କାର୍ଯ୍ୟ ହୋଇଥିବା ଏବଂ ସେଥିରେ ଏବେଠାରୁ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଥିବା ଦେଖିବାକୁ ମିଳୁଛି। ଭେଣ୍ଟିଲେସନ ନାହିଁ। ସକଫିଟ ଉଚ୍ଚା ସ୍ଥାନରେ କରାଯାଇଛି। ତେବେ ସିଙ୍କ୍ ହେଲେ ନିମ୍ନ ଭାଗରେ ଥିବା ମାଆ ଗୃହରେ ପାଣି ପଶିବ। ଅନ୍ୟପକ୍ଷରେ ପାଇଖାନାଗୁଡିକର ଗ୍ୟାସ ପାଇପଗୁଡିକ ଯେଉଁ ସ୍ଥାନରେ ଖଞ୍ଜାଯାଇଛି ତାହାର ଠିକ ପଛପାଖରେ ମେଡିକାଲର ଅନ୍ୟ ଏକ କାର୍ଯ୍ୟାଳୟ ଝରକା ରହିଛି। ପାଇଖାନା ଆବର୍ଜନା ଯିବା ପାଇଁ ଯେଉଁ ପାଇପ ଖଞ୍ଜାଯାଇଛି ସ୍ୱାସ୍ଥ୍ୟକେନ୍ଦ୍ରର ଲ୍ୟାବରୁ ବାହାରୁଥିବା ସକଫିଟ ଟାଙ୍କିକୁ ସେଥିରେ ସଂଯୋଗ କରାଯାଇଛି। ପାଇଖାନା ଓ ଗାଧୁଆ ଘର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ୫ ଶହ ଲିଟର ପାଣି ଟାଙ୍କିରୁ ସଂଯୋଗ କରାଯାଇଛି । ଏବେ ପାଇଖାନା ଟାଙ୍କି ପାଇଁ ଛୋଟ ଆକାରରେ ମାଟି ଖୋଳାଯାଇଛି । ଏସମସ୍ତ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ରହିଛି। ବିନା ଟେଣ୍ଡରରେ ବିଭାଗୀୟ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟ କରାଉଥିବାରୁ ଏଥିରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏନେଇ ସହକାରୀ ଯନ୍ତ୍ରୀ ସନ୍ତୋସ ଦାସଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟାଶୀଳ ହୋଇ କହିଥିଲେ କାମ ଚାଲିଛି। ୫ ଲକ୍ଷ ଟଙ୍କାର ବ୍ୟୟ ବରାଦ ରହିଛି । ତେବେ ଟିଣ ପକାଇବା, ସକଫିଟ ନିର୍ମାଣ ଉଚ୍ଚା ସ୍ଥାନରେ କରାଯିବା ଓ ଗାଧୁଆଘର, ପାଇଖାନାରେ ନିମ୍ନମାନର ପ୍ଲେଟ ପକାଯିବା, ମଳ ପାଇପ ଅନ୍ୟ ଏକ ସକ ଫିଟକୁ ସଂଯୋଗ କରିବା ନେଇ ପଚାରିବାରୁ କାମ ଚାଲିଛି। ଗାଧୁଆଘର ଓ ପାଇଖାନାରେ ପ୍ଲେଟ ପଡି ନ ଥିବା ସେ କହିଛନ୍ତି । ୫ ଲକ୍ଷ ଟଙ୍କାରେ ପକ୍କା ପାଇଖାନା ଓ ଗାଧୁଆ ଘର ନିର୍ମାଣ ହୋଇପାରିବ ଟିଣ ପକାଇ ଦେଲେ ବୋଲି ପଚରିବାରୁ ୧୮ ପ୍ରତିଶତ ଜିଏସଟି ଦେଇ କାମ କିଏ କରିଦେବ। ଆପଣ କିଛି ଜାଣିନାହାନ୍ତି ବୋଲି ଉତ୍ତର ଦେଇଥିଲେ। ତେବେ ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ହେଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରାଙ୍କୁ ପଚାରିବାରୁ ଭିଡିଓ କରି ପଠାନ୍ତୁ ବୋଲି କହିଥିଲେ। ଭିଡଓ କରି ପଠାଇବା ପରେ ଆଉ ତାଙ୍କ ପ୍ରତିକ୍ରିୟା ମିଳି ନ ଥିଲା ।

## ଅବାଧ ନିର୍ବାଚନ ପାଇଁ ଓଡ଼ିଶା- ଛତିଶଗଡ଼ ପୋଲିସର ବୈଠକ

**ଉମରକୋଟ,୨୪।୩ (ସନ୍ତୋଷ ଶତପଥୀ)**

ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ନବରଙ୍ଗପୁର ଜିଲାକୁ ସଂଲଗ୍ନ ଛତିଶଗଡର କୋଣ୍ଡାଗାଁ ଜିଲା ପୋଲିସ ଓ ନବରଙ୍ଗପୁର ଜିଲା ପୋଲିସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଛତିଶଗଡର ଅନନ୍ତପୁର ଥାନାଠାରେ ଅନୁଷ୍ଠିତ ହୋଇଛି। ଶାନ୍ତିପୂର୍ଣ୍ଣ ଭାବେ ନିବାଚନ କିପରି ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଛତିଶଗଡ ଓ ଓଡିଶା ସୀମାରେ ୨୪ ଘଣ୍ଟିଆ ଯାନବାହନ ଚେକିଂ, ସୀମାରେ ଥିବା ଓଡିଶା ଓ ଛତିଶଗଡ ଥାନା ପକ୍ଷରୁ ମିଳିତ ଭାବେ କୋମ୍ବି ଅପରେଶନ, ନିର୍ବାଚନ ସମୟରେ ଟଙ୍କା ନେଇ ଯାଉଥିଲେ, ସେହି ବ୍ୟକ୍ତିଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯିବ ଏବଂ ସମସ୍ତ ଯାନବାହନକୁ ତନ୍ନତନ୍ନ କରି ଯାଞ୍ଚ କରିବା, ମଦ ଯେମିତି ସୀମା ଭିତରକୁ ପ୍ରବେଶ କରିବ ନାହିଁ କଡ଼ାକଡି ଯାଞ୍ଚ କରିବା, ବେନିୟମ ଅସ୍ତ୍ରଶସ୍ତ୍ର ମଧ ଯେମିତି ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟ ସୀମା ଭିତରକୁ ପ୍ରବେଶ ନ କରିବ ଓ ନିର୍ବାଚନ ବେଳେ ଯେମିତି କିଛି ହିଂସାକାଣ୍ଡ ନ ଘଟେ ସେଥିପାଇଁ ୨ ଜିଲାର ସୀମାରେ ଥିବା କ୍ରିମିନାଲମାନଙ୍କୁ ଗିରଫ କରିବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ୨ ରାଜ୍ୟର ମିଳିତ ସହଯୋଗରେ ଯେପରି ମୁଖ୍ୟ ରାସ୍ତା ଛାଡି ଜଙ୍ଗଲ ଅଞ୍ଚଳରେ ମିଳିତ ଭାବେ ଯାଞ୍ଚ କରାଯିବ ସେ ନେଇ ମଧ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବୈଠକରେ ନବରଙ୍ଗପୁର ଜିଲା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, କୋଣ୍ଡାଗାଁ ଜିଲା ପୋଲିସର ଅତିରିକ୍ତ ଏସ୍‌ପି, ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ମଧୁସିକ୍ତା ମିଶ୍ର, କୋଣ୍ଡାଗାଁର ପୋଲିସ ଉପଖଣ୍ଡ ଅଧିକାରୀ ରୁପେସ କୁମାର, ଛତିଶଗଡର ମାକଡ଼ି ଥାନା ଆଇଆଇସି ଅଖିଳେଶ ଧନୱାର, ଆଇଆଇସି ଅନନ୍ତପୁର, ଉମରକୋଟ ଥାନା ଆଇଆଇସି ଡମ୍ବରୁଧର ପ୍ରଧାନ, ରାଇଘର ଥାନା ଆଇଆଇସି ରଘୁନାଥ ମାଝୀ, କୁନ୍ଦେଇ ଥାନା ଆଇଆଇସି ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକ ପରେ ଛତିଶଗଡର କୋଣ୍ଡାଗାଁ ଜିଲା ପୋଲିସ ଓ ନବରଙ୍ଗପୁର ଜିଲା ପୋଲିସ।

## ଗଛରେ ପିଟିହେଲା କାର୍, ଜଣେ ମୃତ

**କାଳିମେଳା, ୨୪।୩(ଜୀବନ କୃଷ୍ଣ ଦାସ )**

ମାଲାକାନଗିରି–ମୋଟୁ ୩୨୬ ନଂ. ଜାତୀୟ ରାଜପଥ ତଥା କାଲିମେଳା ଥାନା ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପେଟ୍ରୋଲ ପମ୍ପଠାରୁ ଅଳ୍ପ ଦୂରରେ ରବିବାର ଏକ କାର୍ ରାସ୍ତା କଡ଼ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ସୁଦାସ ମଣ୍ଡଳଙ୍କର ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଅରୁଣ ମଣ୍ଡଳ ଆହତ ହୋଇଛନ୍ତି। ଆହତଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିବା ବେଳେ ସେଠାରୁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, କେତେକ ବ୍ୟକ୍ତି ସୁନାବେଡ଼ା ଅଞ୍ଚଳରୁ ପୋଟେରୁ ସ୍ଥିତ ହରି ଆଶ୍ରମକୁ ଦୋଳପୂର୍ଣ୍ଣିମା ଦେଖିବାକୁ ଆସିଥିଲେ । ତେବେ ସୁଦାସ ଏବଂ ଅରୁଣ ସକାଳେ କାଲିମେଳା ଅଞ୍ଚଳରେ ଥିବା ବନ୍ଧୁ ଘରକୁ ଆସି ଅପରାହ୍ନ ୩ଟାରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଗାଡ଼ି ଚଳାଉଥିବା ସମୟରେ ଆଖି ଲାଗିଯିବା ଯୋଗୁ ଏହି ଦୁର୍ଘଟଣା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅରୁଣ ଗାଡ଼ି ଚଳାଉଥିବା ବେଳେ ସୁଦାସ ଆଗ ସିଟ୍‌ରେ ବସିଥିଲେ । କାଲିମେଳା ପୋଲିସ ଗାଡ଼ି ଜବତ କରି ଥାନାକୁ ଆଣିଛି।

## ନବରଙ୍ଗପୁର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ନବରଙ୍ଗପୁର,୨୪।୩(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟାଳୟ ଡିଆରଡିଏ ଛକ ନିକଟରେ ଉଦ୍‌ଘାଟିତ ହୋଇଛି। ବିଜେଡି ଜିଲା ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ଉପ ସଭାପତି ରବି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ମଣ୍ଟୁ ପଟ୍ଟନାୟକ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭୀମ ହରିଜନ, ପିଣ୍ଟୁ ମିଶ୍ର , ଜିଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି, ନଗର ବିଜେଡି ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବତନ ମନ୍ତ୍ରୀ ଡ ଦାମଦୋର ରାଉତଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଏମ୍‌ପି ମାଝିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲା ଜୋନ ଛାତ୍ର ସଭାପତି ତାପସ ତ୍ରିପାଠୀ



ଏମ୍‌ପି ରମେଶ ଚନ୍ଦ୍ର ମାଝି ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ସଭା କାର୍ଯ୍ୟ ଙ୍କ ପରିଚାଳନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଜିଲାର ୪ଟି ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରେ ଦଳକୁ ବିଜୟୀ କରିବା ପାଇଁ ଏମ୍‌ପି ମାଝି ଆହ୍ୱାନ ଦେଇଥିଲେ। ବୈଠକରେ ରବି ପଟ୍ଟନାୟକ, ଦୟା ବିଷୟୀ, ବାବୁଲି ମିଶ୍ର, ତନ୍ମୟ ନାୟକ, ଅରୁଣ ମିଶ୍ର, ପ୍ରମୋଦ ରଥ ବକ୍ତବ୍ୟ ରଖିଥିଲେ। ତାରିକ ହାସେନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ସାହୁ , ଯୋଗେନ୍ଦ୍ର ସାଇଁ, ପ୍ରଶାନ୍ତ ପଣ୍ଡା, ବ୍ଲକ ସଭାପତି ଲଖି ଭତ୍ରା, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଶରତ ଭତ୍ରା, ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନିଳାଦ୍ରି ନାୟକ, ନନ୍ଦହାଣ୍ଡି ବ୍ଲକ ଅଧ୍ୟା ରଶ୍ମିତା ମାଝି, ପୌର ଉପଧ୍ୟକ୍ଷା ସୌମ୍ୟା ମହାପାତ୍ର, ଜିଲା ପରିଷଦ ସଭ୍ୟା କନକ ମଞ୍ଜୁରୀ ବିଷୋୟୀ, ରାଜେନ୍ଦ୍ର ବିଶୋୟି, ସଞ୍ଜୟ ନାୟକ, ସ୍ୱାଧୀନ ପଣ୍ଡା, ସୀମାଞ୍ଚଳ ପାଢି, ସିରାଜ ଅହମ୍ମଦ, ସୂର୍ଯ୍ୟକାନ୍ତ ଲେଙ୍କା, ସୁମିତ ପାଲ, ସଞ୍ଜୀବ ନନ୍ଦ, ଲାଲୁ ତ୍ରିପାଠୀ, ରିତା ସୌରା ପ୍ରମୁଖ ଉପସ୍ଥିତ ଥିଲେ ।

## ଅବକାରୀ ଚଢ଼ାଉ, ୨ ଗିରଫ

**ଡାବୁଗାଁ, ୨୪।୩ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଡଙ୍ଗରା ଓ ମେଞ୍ଚର ଗ୍ରାମର ୨ ଜଣଙ୍କ ଘରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରି ୨୦.୮ ଲିଟର ବିଅର ଜବତ କରିଛି । ୨ ଜଣଙ୍କୁ ଗିରଫ କରି ନୋଟିସ୍ ଦିଆଯାଇ ଛାଡି ଦିଆଯାଇଛି । ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶକ୍ରମେ ରବିବାର ଡାବୁଗାଁ ଥାନା ଅଧୀନ ଡଙ୍ଗରା ଗ୍ରାମର ଯଦୁରାମ ଗୌଡଙ୍କ ଘରେ ଚଢ଼ାଉ କରି ୭.୮ ଲିଟର ଓ ମେଞ୍ଚର ଗ୍ରାମର ଭଗବାନ ଭତ୍ରାଙ୍କ ଘରେ ଚଢାଉ କରି ୧୦ ଲିଟର ବିଅର ଜବତ କରିଥିଲା । ଏହି ଚଢ଼ାଉରେ ଡାବୁଗାଁ ଅବକାରୀ ବିଭାଗ ଉପ ନିରୀକ୍ଷକ ବୁଲୁ ପାତ୍ର, ସହ ଉପ ନିରୀକ୍ଷକ ଏସ.କେ. ପଣ୍ଡା, ସୁରେଖା ଭତ୍ରା, ଶ୍ରୀକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ ୨ଜଣଙ୍କ ନାମରେ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ ୨୨୦/୨୪ ଓ ୨୨୧/୨୪ରେ ଦୁଇଟି ମାମଲା ରୁଜୁ ହୋଇଛି ।

## ନିର୍ବାଚନ ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ

**ଝରିଗାଁ, ୨୪।୩(କିଶୋର ଚନ୍ଦ୍ର ମଣ୍ଡଳ)**

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନର ବିଗୁଲ ବାଜିବା ପରେ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆସନ୍ତା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ନିର୍ଭୟରେ ଜନସାଧାରଣ ନିଜ ମତ ସାବ୍ୟସ୍ତ କରିବା ପାଇଁ ପୋଲିସ ପକ୍ଷରୁ ନବରଙ୍ଗପୁର ଜିଲା ଝରିଗାଁରେ ଫ୍ଲାଗମାର୍ଚ୍ଚ କରାଯାଇଛି । ନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଏସଡିପିଓ ମଧୁସିକ୍ତା ମିଶ୍ରଙ୍କ ନେତୃତ୍ୱରେ ଝରିଗାଁ ଥାନା ଅଧିକାରୀ ତପନ କୁମାର ପତିଙ୍କ ସହ ସିଆଇଏସଏଫ୍ ଯବାନମାନେ ପ୍ରଥମେ ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ ସଦରଠାରେ ଫ୍ଲାଗମାର୍ଚ୍ଚ କରି ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ସମୟରେ ମତଦାନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଏହାପରେ ଝରିଗାଁ ବ୍ଲକ ସଦର ମହକୁମା ଥାନା ନିକଟରୁ ଫ୍ଲାଗମାର୍ଚ୍ଚ ଆରମ୍ଭ କରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରି କୌଣସି ଜନସାଧାରଣ ଭୟଭୀତ ନ ହୋଇ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଏସଡିପିଓ କହିଛନ୍ତି।



ଇଚ୍ଛାପୁର ଗ୍ରାମରେ ପୋଲିସର ଫ୍ଲାଗମାର୍ଚ୍ଚ।

## ଜୟପୁର ବନାଞ୍ଚଳର ୩ ସ୍ଥାନରେ ନିଆଁ

**ଜୟପୁର, ୨୪।୩ (ପବନ ପାଣିଗ୍ରାହୀ)**

ଜୟପୁର ବନାଞ୍ଚଳ ଅଧୀନରେ ରବିବାର ୩ଟି ସ୍ଥାନରେ ନିଆଁ ଲାଗିଛି। ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ପାହାଡରେ, ପେନାଙ୍ଗି ଜଙ୍ଗଲ ଓ କେଣ୍ଡାମାଳି ଜଙ୍ଗଲରେ ଏହି ନିଆଁ ଲାଗଥିବା ଦେଖିବାକୁ ମିଳିଥିଲା। ଫଳରେ ପାହାଡ ଓ ଜଙ୍ଗଲରେ ଥିବା ଅନେକ ଔଷଧୀୟ ବୃକ୍ଷ ଏବଂ ବିଭିନ୍ନ ପ୍ରଜାତି ଗଛ ପୋଡି ଯାଇଥିବା ବନ ବିଭାଗ ସୂଚନା ଦେଇଛି। ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ ପ୍ରତିବାଦ**

**ମାଲକାନଗିରି, ୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ପ୍ରତିବାଦରେ ରବିବାର ମାଲକାନଗିରି ଆମ୍ ଆଦମୀ ପାର୍ଟି, ଜିଲା କଂଗ୍ରେସ କମିଟି ଏବଂ ସିପିଆଇ(ଏମ୍) ପକ୍ଷରୁ ମିଳିତଭାବେ ସ୍ଥାନୀୟ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ନେତାମାନେ କହିଛନ୍ତି, ଆପ୍ ଆବାହକ କେଜ୍‌ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ସମ୍ବନ୍ଧରେ ସାଙ୍ଘାତିକ ତଥ୍ୟ ପଦାକୁ ଆସିଛି। ଏହି ତଥ୍ୟରୁ ଭାରତୀୟ ଜନତା ପାର୍ଟି ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି କେଜ୍‌ରିୱାଲଙ୍କୁ ଜେଲ ପଠାଇଥିବା ପ୍ରମାଣିତ ହେଉଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଅରବିନ୍ଦୋ ଫାର୍ମା ମାଲିକ ପି. ଶରଥ ଚନ୍ଦ୍ର ରେଡ୍ଡୀ କେଜ୍‌ରିୱାଲଙ୍କୁ ଦିଲ୍ଲୀରେ ମଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜ୍‌ରିୱାଲଙ୍କୁ ଗିରଫ କରାଯାଇଛି। ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣାପଡିଛି, ଶରଥଙ୍କୁ ଇଡି ମାଧ୍ୟମରେ ଭୟଭୀତ କରି ଭାଜପା ତାଙ୍କର ବିଭିନ୍ନ କମ୍ପାନୀରୁ ପ୍ରାୟ ୫୯.୫ କୋଟି ଟଙ୍କା ଚାନ୍ଦା ନେଇଛି। ସେ ଜେଲରେ ଥିବାବେଳେ ଚାନ୍ଦା ଦେଇଛନ୍ତି ବୋଲି ଆପ୍ ସଂଯୋଜକ କେ. ଦେଶିରାଜୁ ଆଚାରୀ, ଜିଲା କଂଗ୍ରେସ ନଗର ସଭାପତି ଜି. ଶ୍ରୀନିବାସ ରାଓ ଏବଂ ସିପିଆଇ(ଏମ୍) ଜିଲା ଆବାହକ ବ୍ରଜ ମାଝି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ କଂଗ୍ରେସ, ଆପ୍ ଓ ସିପିଆଇ(ଏମ୍)ର କର୍ମକର୍ତ୍ତା ।

## କୀଟନାଶକ ଖାଇ ନାବାଳକ ମୃତ

**ଝରିଗାଁ,୨୪।୩(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଟେଣ୍ଡକାଡଙ୍ଗରି ଗ୍ରାମରେ କୀଟନାଶକ ଖାଇ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଟେଣ୍ଡକାଡଙ୍ଗରି ଗ୍ରାମର ଘାସି ସାନ୍ତାଙ୍କ ପୁଅ ଦେବୀ ସନ୍ତା (୧୫) ରବିବାର ସକାଳୁ କୌଣସି କାରଣରୁ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ପଡୋଶୀଙ୍କ ଘରକୁ ଯାଇଥିବାବେଳେ ନାବାଳକ ଦେବୀ ଘଟଣା ସମ୍ପର୍କରେ ଭଉଣୀ ଅଞ୍ଜଳାଙ୍କୁ କହିଥିଲେ। ଅଞ୍ଜଳା ତୁରନ୍ତ ପରିବାର ଲୋକଙ୍କୁ ଡାକିଥିଲେ। ପରିବାର ଲୋକ ଘରେ ପହଞ୍ଚି ଗୁରୁତର ଅବସ୍ଥାରେ ବାଇକ ଯୋଗେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳେ ବାଟରେ ଦେବୀଙ୍କ ମୃତ୍ୟୁ ଘଟିଥିଲା। ପରେ ଝରିଗାଁ ଡାକ୍ତର ମାନସ ରଞ୍ଜନ ସାହୁ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଜେଡିର ସଶକ୍ତ ଓଡ଼ିଶା ଗଠନ ମାର୍ଗ ପ୍ରଶସ୍ତ କାର୍ଯ୍ୟକ୍ରମ

**ମାଲକାନଗିରି, ୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ବିଜେଡି ତରଫରୁ ସଭାପତି ମାନସ ମାଡକାମୀ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଯୁବ ଗୋଷ୍ଠୀଙ୍କୁ ନେଇ ଚଳିତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଭାବେ ଆଲୋଚନା କରିବା ସହ ନିର୍ବାଚନୀ ରଣନୀତି ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଡକାମୀ କହିଥିଲେ, ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ରାଜ୍ୟରେ ସଶକ୍ତ ଯୁବଶକ୍ତି, ସଶକ୍ତ ଓଡ଼ିଶା ଗଠନର ମାର୍ଗ ପ୍ରଶସ୍ତ ହେଉଛି। ଭବିଷ୍ୟତ ପାଇଁ ଯୁବବର୍ଗଙ୍କୁ ନିର୍ମାଣ କରୁଛି ବିଜୁ ଜନତା ଦଳ। କାର୍ଯ୍ୟକାରୀ ସଭାପତି ତ୍ରିପାଠୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ମହିଳା ନେତ୍ରୀ ସୁକାନ୍ତି ବୁରୁଦା, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜିଲା ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ବରିଷ୍ଠ ବିଜେଡି ନେତା ଫନି ଭୂଷଣ ରାୟ, କେ. ରାହୁଲ, ସମାଜିକକର୍ମୀ ଦଶରଥ ଗୋଲାରୀ ଓ ମୁଁଗୁଡୁ ଦୁଧି ପ୍ରମୁଖଙ୍କ ସହ ସମସ୍ତ ପଞ୍ଚାୟତରୁ ଆସିଥିବା ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦଳୀୟ କର୍ମୀ ଓ ଯୁବକମାନେ ।

## ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

**ମାଲକାନଗିରି,୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ସ୍ଥାନୀୟ ରକ୍ତଭଣ୍ଡାର ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ମାଲକାନଗିରି ତରଫରୁ ଏକ ଦିବସୀୟ ଯକ୍ଷ୍ମା ଦିବସ ରବିବାର ପାଳିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦେଇ ମାଲକାନଗିରି ଜିଲାକୁ କିପରି ଯକ୍ଷ୍ମାମୁକ୍ତ କରାଯିବ ତା'ଉପରେ ଗୁରତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଡାକ୍ତର ବ୍ରଜବନ୍ଧୁ ଦାସ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯୋଗଦେଇ ଯକ୍ଷ୍ମା ଆରୋଗ୍ୟ ଯୁକ୍ତ ରୋଗ ବୋଲି ଆଲୋଚନା କରିଥିଲେ । ଡା.ଅବିଜ ହୁସେନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଆଜିର ଦିବସ ବିଷୟରେ ବୁଝାଇଥିଲେ । ଇନ୍ଦିରା ପ୍ରଧାନ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସଭାରେ ଉପସ୍ଥିତ ଥିଲେ । ଡା. ଦୁର୍ଗାପ୍ରସାଦ ରାଜ ସଭା ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ପେଦା ସ୍ୱାଗତ ଭାଷଣ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଯୁବ ରେଡ଼କ୍ରସ୍ ଆବାହକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଡବ୍ଲ ଏବଂ ଟିବି ହାରିବ ଦେଶ ବଞ୍ଚିବ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ବାପୁଜୀ ଖରା, ଯକ୍ଷ୍ମା ସଂଯୋଜକ ଆୟୋଜନ କରିଥିବା ବେଳେ ପିରାମଲ ଫାଉଣ୍ଡେଶନ ତରଫରୁ ବିକାଶ ଦଣ୍ଡସେନା, ସନ୍ତୋଷ କୁମାର ସହଯୋଗ କରିଥିଲେ। ଏକଶହରୁ ଉର୍ଦ୍ଧ୍ୱ ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିବା ବେଳେ ଜଣାଅଜଣା କାର୍ଯ୍ୟକ୍ରମରେ ଭାଗ ନେଇ ପୁରସ୍କୃତ ହୋଇଥିଲେ । ଗୁରୁଦତ୍ତ ବେହେରା,ସୁରଜିତ ସାହା ଏବଂ ପି. ଈଶ୍ୱର ରାଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମାର୍ଚ୍ଚ ୨୪ ଦିନଟିକୁ ପୃଥିବୀ ସାରା ବିଶ୍ୱ ଯକ୍ଷ୍ମା ଦିବସ ଭାବେ ପାଳନ କରି ୨୦୨୫ ସୁଦ୍ଧା ଯକ୍ଷ୍ମାକୁ ମୂଳୋତ୍ପାଟନ କରିବା ପାଇଁ ସମସ୍ତେ ଶପଥ ନେଇଛନ୍ତି।




ଯକ୍ଷ୍ମା ଦିବସ ଅବସରରେ ଡାକ୍ତର ଓ ଅନ୍ୟମାନେ ରୋଗ ନିରାକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି ।

## ନିର୍ବାଚନ ପରିଚାଳନା ନେଇ ସେକ୍ଟର ଓ ପୋଲିସ ଅଫିସରଙ୍କୁ ପ୍ରଶିକ୍ଷଣ

**ମାଲକାନଗିରି,୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିୟମ ଜାଣିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସଚିନ ପାୱାର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସତର୍କ କରାଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କୁ ଦିନିକିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ସୋମନାଥ ପ୍ରଧାନ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ଖଡ଼ିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ରଥ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଅତିରିକ୍ତ ଉପ ଜିଲାପାଳ ଜଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ପରେ ନିର୍ବାଚନ ପାଇଁ ନିୟୋଜିତ ସେକ୍ଟର ଅଧିକାରୀ ଓ ସେକ୍ଟର ପୋଲିସ ଅଧିକାରୀ ନିଜ ଦାୟିତ୍ୱ ଭଲ ଭାବେ ଅନୁଧ୍ୟାନ କରିବା, ବୁଥରେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ସର୍ବନିମ୍ନ ସୁବିଧା ଯଥା ପାନୀୟ ଜଳ, ର୍‍ୟାମ୍ପ, ବିଦ୍ୟୁତ୍ ଓ ଶୌଚାଳୟ ଇତ୍ୟାଦି ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେକ୍ଟର ଅଫିସରମାନେ ନିର୍ବାଚନ ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହୋଇ ତାଙ୍କ ଅଧୀନରେ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ପିପିଟି ମାଧ୍ୟମରେ ବିସ୍ତୃତ ଭାବେ ଭଲନରେବିଲିଟି ମ୍ୟାପିଙ୍ଗ, ବୁଥ ଚିହ୍ନଟୀକରଣ, ମତଦାନ କେନ୍ଦ୍ରକୁ ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ , ର୍‍ୟାମ୍ପ ଓ ଶୌଚାଳୟ ବ୍ୟବସ୍ଥାକୁ ନିରୀକ୍ଷଣ ସହ ନିର୍ବାଚନ ପୂର୍ବରୁ ଓ ସେହି ଦିନ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଚଳିତ ବର୍ଷ ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଯଦି ଉଭୟ ଲୋକ ସଭା ଓ ବିଧାନସଭା ନିମନ୍ତେ ଫର୍ମ ୧୨ରେ ଆବେଦନ କରିଥିବେ ତା ହେଲେ ସେମାନଙ୍କ ନିମନ୍ତେ ମତଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ବୁଥର ୨୦୦ ମିଟର ପରିମିତ ଅଞ୍ଚଳରେ ଆଦର୍ଶ ଆଚରଣ ବିଧି ଯେପରି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଆଜିର ଏହି ପ୍ରଶିକ୍ଷଣରେ ୧୧୦ ସେକ୍ଟର ଅଫିସର ଓ ୧୧୦ ସେକ୍ଟର ପୋଲିସ ଅଫିସର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଡିଏଲଏମଟି, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।



ନିର୍ବାଚନ ପରିଚାଳନା ନେଇ ପ୍ରଶିକ୍ଷମ ସମୟରେ ଉପସ୍ଥିତ ପ୍ରଶାସନିକ ଓ ପୋଲିସ ଅଧିକାରୀ ।

## ସଂକ୍ଷେପରେ

### ଅଟୋ ଓଲଟି ନାବାଳିକା ମୃତ

ଜୟପୁର, ୨୪।୩ (ପବନ ପାଣିଗ୍ରାହୀ)

ଗୋଟିଏ ପରିବାରର ୫ ଜଣ ଯାତ୍ରୀଙ୍କୁ ଧରି କଙ୍ଗାଠାରୁ ହାନାଗୁଡା ଯାଉଥିବା ବେଳେ ଏକ ଅଟୋ ଗାଗନାପୁରଠାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଅଟୋରେ ବସିଥିବା ଜଣେ ନାବାଳିକା(୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଟୋରେ ଥିବା ଅନ୍ୟ ୪ଜଣ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଗୁଣୁପୁର,୨୪।୩(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ରେଗଡ଼ା ପଞ୍ଚାୟତର ପୋଷ୍ୟ ଗ୍ରାମ ବଡଗୁଡ଼ା ଗ୍ରାମରେ ସେବା ଯୋଜନାର ୟୁନିଟ-୧ (ପୁରୁଷ) ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ରବିବାର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ୍ ପ୍ରଫେସର କେ. ମୁରଲୀ ଗୋପାଳ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କୌଶଳ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ ୭ ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ପ୍ରଫେସର



ବାଣୀ ପ୍ରସାଦ ନାୟକ, ପ୍ରମୋଦ କୁମାର ପଣ୍ଡା, ଗୋପାଳ କୃଷ୍ଣ ମହନ୍ତ, ଧୂମେଶ ମେହେର ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ।

# ନିର୍ବାଚନ ସମୟରେ ପୋଲିସର ଦାୟିତ୍ୱ, ଭୂମିକା ଉପରେ ତାଲିମ

- ପିଙ୍କ ବୁଥ୍ ବଦଳରେ ସଖୀ ବୁଥ୍ ରହିବ
- ସବୁ ବୁଥ୍‌ରେ ସିସିଟିଭି ଲାଗିବ
- ଭିନ୍ନକ୍ଷମ, ବରିଷ୍ଠ ନାଗରିକ ନିଜ ଘରେ ଭୋଟ ଦେବେ

ଗୁଣପୁର,୨୪।୩(ପ୍ରଦୀପ କୁମାର ପାଢୀ)

ସାଧାରଣ ନିର୍ବାଚନ କିଭଳି ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ହୋଇପାରିବ ସେଥିପାଇଁ ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ସମସ୍ତ ଥାନାର ପୋଲିସ ଅଧିକାରୀଙ୍କୁ ନେଇ ଏକ ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ଶିବିରରେ ନିର୍ବାଚନ କିପରି ସ୍ୱଚ୍ଛ, ଅବାଧ, ନିରପେକ୍ଷ ହୋଇପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା । ଭୋଟର କିଭଳି ନିଜର ମତଦାନ ସୁରକ୍ଷିତ ଓ ନିର୍ଭୟରେ କରିପାରିବେ ସେ ଦିଗରେ ପୋଲିସର ଭୂମିକା ଉପରେ ତାଲିମ ଦିଆଯାଇଥିଲା। ସେହିପରି ପୋଲିଂ ବୁଥ୍‌ଗୁଡିକରେ କିଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ, ତାକୁ ପୋଲିସ କିଭଳି ମୁକାବିଲା କରିବ, ବୁଥ୍‌ଗୁଡିକରେ ଇଭିଏମଗୁଡିକ ଭୋଟ ଗ୍ରହଣଠାରୁ ଷ୍ଟ୍ରଙ୍ଗରୁମକୁ ଆସିବା ପର୍ଯ୍ୟନ୍ତ ତାର ସୁରକ୍ଷା, ଦଳୀୟ ପ୍ରଚାର ପ୍ରସାର ବେଳେ ଅପ୍ରୀତିକର ପରିସ୍ଥିତ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା।



ତାଲିମ ନେଉଥିବା ଗୁଣପୁର ଉପଖଣ୍ଡ ସମସ୍ତ ଥାନାର ପୋଲିସ ଅଧିକାରୀ।

ବିଭିନ୍ନ ମୋବାଇଲ ଆପ୍‌ର ବ୍ୟବହାର ପୋଲିସ କରିବ, ୱେବକାଷ୍ଟିଂ ଜରିଆରେ ପୋଲିସଙ୍କ ଗତିବିଧି ଉପରେ ସିଧାସଳଖ ନିର୍ବାଚନ କମିଶନଙ୍କ ପକ୍ଷରୁ ମନିଟରିଂ କରାଯିବ। ତେଣୁ ସତର୍କତାର ସହ କାର୍ଯ୍ୟ କରିବା, ଚଳିତ ବର୍ଷ ନିର୍ବାଚନରେ ପିଙ୍କ ବୁଥ ବଦଳରେ ସଖୀ ବୁଥ୍ ରହିବ, ପ୍ରତ୍ୟେକ ବୁଥରେ ସିସିଟିଭି କ୍ୟାମେରା, ପୋଲିସ ସ୍କ୍ୱାର୍ଡ ଯାଞ୍ଚ ସମୟରେ ନିର୍ବାଚନରେ କୌଣସି ଅର୍ଥ କାରବାର ହେଲେ ଇଡି କିମ୍ବା ଆୟକର ବିଭାଗ, ନିଶାଦ୍ରବ୍ୟ ଓ ମଦ ବ୍ୟବହର କରି ଧରାପଡିଲେ ଅବକାରୀ ବିଭାଗ ଇଏମ୍‌ଏସ ଟେକ୍ନୋଲୋଜି ଜରିଆରେ ତାଙ୍କ ସୂଚନା ଦିଆଗଲେ ସଂପୃକ୍ତ ବିଭାଗ ସେଠାରେ ପହଞ୍ଚି ତାର ଦାୟିତ୍ୱ ସମ୍ପାଦନା କରିବେ। ସେହିଭଳି ଆଇଟି ମାଧ୍ୟମରେ ଭୋଟରମାନଙ୍କ ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଥିବା, ଜରୁରୀକାଳୀନ ସେବାରେ ଥିବା ଭୋଟର କିପରି ପୋଷ୍ଟାଲ ବାଲେଟରେ ଭୋଟ ଦେବେ, ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମମାନେ ଘରେ ଥାଇ ନିଜର ଭୋଟ ଦେବେ, ନିର୍ବାଚନ ସମୟରେ ପୋଲିସର ଦାୟିତ୍ୱ ଭୂମିକା, କର୍ତ୍ତବ୍ୟ, ମୋକପୋଲ ଏହି ସମସ୍ତ ବିଷୟରେ ତାଲିମ ଦିଆଯାଇଥିଲା। ନିର୍ବାଚନ ନୋଡାଲ ଅଫିସର ଦାୟିତ୍ୱରେ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ଗୁଣପୁର ପୋଲିସ ଉପଖଣ୍ଡର ଗୁଣପୁର, ପଦ୍ମପୁର, ରାମନାଗୁଡା, ଗୁଡ଼ାରି ଏବଂ ପୁଟାସିଂ ଥାନା ଆଇଆଇସି , ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ । ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ତାଲିମ ଶିବିରରେ ମଞ୍ଚାସୀନ ଥିଲେ।

# ଭୟରେ ହଷ୍ଟେଲ ଛାଡ଼ିଲେ ଛାତ୍ରୀଛାତ୍ର

## ଛାତ୍ରଙ୍କ ଆତ୍ମହତ୍ୟାର ୩ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଗୁଣପୁର,୨୪।୩
(ପ୍ରଦୀପ କୁମାର ପାଢୀ)




ଟଲଣା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ।

ରାୟଗଡା ଜିଲା ଗୁଣପୁର ବ୍ଲକ ଟଲଣା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଛାତ୍ରଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ ହୋଇ ନ ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ନିରବ ରହିବା ସମସ୍ତଙ୍କୁ ଚକିତ କରିଛି। ଘଟଣା ୩ ଦିନ ବିତି ଯାଇଥିଲେ ମଧ୍ୟ କାହାର ଅବହେଳା ପାଇଁ ଛାତ୍ର ଜଣକ ଏଭଳି ଚରମ ପଦକ୍ଷେପ ନେଲେ ଏବଂ ଏଥିପାଇଁ କେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାପଡିନାହିଁ। ଅନ୍ୟପକ୍ଷେ ଛାତ୍ରଙ୍କ ଆତ୍ମହତ୍ୟା ବିଷୟରେ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ, ତାହା ତଦନ୍ତ ସାପେକ୍ଷ ହୋଇପଡିଛି। ସ୍କୁଲରେ ଛାତ୍ରଙ୍କ ଏପରି ପଦକ୍ଷେପ ପରେ ଅନ୍ୟ ପିଲା ଏବଂ ଅଭିଭାବକମାନେ ଭୟଭୀତ ହୋଇପଡିଛନ୍ତି। ଭୟରେ ୪୦ ପିଲା ହଷ୍ଟେଲ ଛାଡିଥିବାବେଳେ ପିଲାମାନେ ସ୍କୁଲକୁ ଆସିନାହାନ୍ତି। ବର୍ତ୍ତମାନ ୨ ଦିନ ସ୍କୁଲ ଛୁଟି ରହିଛି। ଛୁଟି ପରେ ସେଠାରେ ଶିକ୍ଷାଦାନ କିପରି ସ୍ୱାଭାବିକ ହେବ ସେ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ସୂଚନାଯୋଗ୍ୟ, ଟଲଣା ପଞ୍ଚାୟତର ସର୍ଗିଆସିଂ ଗ୍ରାମର ପ୍ରଦୀପ ଶବରଙ୍କ ପୁଅ ଜୁଦାସ ଶବର(୧୧) ସ୍କୁଲର ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଜୁଦାସ ସବୁଦିନ ପରି ସାଙ୍ଗମାନଙ୍କ ସହ ମିଶି ଖେଳକୁଦ କରିଥିଲେ। ରାତିରେ ସାଙ୍ଗମାନଙ୍କ ସହ ମିଶି ଖାଇବା ପରେ ଶୋଇବାକୁ ଯାଇଥିଲେ। ଗତ ଶୁକ୍ରବାର ସକାଳେଚପରାଶି ଝାଡୁ ମାରିବାକୁ ଯାଇଥିବାବେଳେ ଜୁଦାସଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖି ସମସ୍ତଙ୍କୁ ଖବର ଦେଇଥିଲେ। ଏହି ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ୩ ପିକ୍‌ଅପ୍ ସହ ୪୨ ଶାଗୁଆନ ଗଣ୍ଡି ଜବତ



ଗାଡ଼ି ସହ ଜବତ ଶାଳ ଗଣ୍ଡି।

ଗୁଣପୁର/ପଦ୍ମପୁର,୨୪।୩
(ପ୍ରଦୀପ କୁମାର ପାଢୀ/ପ୍ରଶାନ୍ତ କୁମାର କର)

ଆନ୍ଧ୍ରପ୍ରଦେଶକୁ ୩ଟି ପିକଅପ୍‌ରେ ଶାଗୁଆନ କାଠ ଚାଲାଣ ବେଳେ ଶନିବାର ବିଳମ୍ବିତ ରାତିରେ ଗୁଡ଼ାରୀ ଓ ପଦ୍ମପୁର ବନ ବିଭାଗ ପକ୍ଷରୁ ଶାଗୁଆନ ଗଣ୍ଡି ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ କେନ୍ଦୁଗୁଡ଼ା ଖିଲିଙ୍ଗିରାଇ ରାସ୍ତା ଉପରେ ଅତର୍କିତ ଚଢ଼ାଉ କରି ୩ଟି ପିକଅପରେ ଥିବା ବିପୁଳ ପରିମାଣର ଶାଗୁଆନ କାଠକୁ ଜବତ କରାଯାଇଥିବା ପଦ୍ମପୁର ଫରେଷ୍ଟର ମାଝି ମହାପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଗାଡ଼ି ରଖି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଜବତ କାଠଗଣ୍ଡି ଭର୍ତ୍ତି ୩ଟି ଗାଡ଼ିକୁ ପଦ୍ମପୁର ବନ ବିଭାଗ ଜବତ କରି ଗୁଣପୁର ବନ ବିଭାଗକୁ ଅଣାଯାଇଛି । ଜବତ ପିକଅପ ଗାଡ଼ି ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି। ସେହିପରି ଜବତ ଶାଗୁଆନ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପଦ୍ମପୁର ବନପାଳ ମହାପାତ୍ର ସୂଚନା ଦେଇଛନ୍ତି । ଚଢ଼ାଉ ସମୟରେ ପଦ୍ମପୁର ବନପାଳ ମାଝୀ ମହାପାତ୍ର, ବନରକ୍ଷୀ ସନ୍ତୋଷୀ ବାଗ, ଗୁଡାରୀ ଡେପୁଟି ରେଞ୍ଜର ଗଙ୍ଗାଧର ମିଶ୍ର, ନାଇରା ଫରେଷ୍ଟର ଦୀପ୍ତି ପ୍ରଧାନ ଏବଂ ତାଙ୍କ ଟିମ୍ ଉପସ୍ଥିତ ଥିଲେ ।

# କେଜ୍‌ରିୱାଲଙ୍କ ଗିରଫକୁ ଆପ୍‌ର ବିରୋଧ

ରାୟଗଡ଼ା,୨୪।୩(ଆଶିଷ ରଞ୍ଜନ ପଣ୍ଡା)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗରେ କେନ୍ଦ୍ର ସରକାରଙ୍କ ଗିରଫକୁ ଦୃଢ଼ ବିରୋଧ କରାଯାଇଛି। ଏଥିସହିତ ଅଭିଯୋଗକାରୀଙ୍କଠାରୁ ଚାନ୍ଦା ଆଦାୟ କରିଥିବା ଭାଜପା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଆମ୍ ଆଦ୍‌ମୀ ପାର୍ଟି । ଏ ନେଇ ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ସ୍ଥାନୀୟ ପାର୍ଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡ଼ି ଅନୁଯାୟୀ, ପି.ସରଥ ଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ ଦିଲ୍ଲୀରେ ମଦ ଠିକା ପାଇବା ପାଇଁ କେଜରିୱାଲଙ୍କୁ ୧୦୦କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ରହିଛି। ତେବେ ଏ ନେଇ କୌଣସି ଠୋସ୍ ପ୍ରମାଣ ନ ଥାଇ କେବଳ ଉକ୍ତ ମଦ ବେପାରୀଙ୍କ ବକ୍ତବ୍ୟରେ ଇଡି କେଜରିୱାଲଙ୍କୁ ଗିରଫ କରିଛି, ଯାହାକୁ ଦୃଢ଼ ନିନ୍ଦା କରିଛି ଏଏପି।

ଅନ୍ୟପଟେ ପି.ସରଥ ଚନ୍ଦ୍ର ରେଡ୍ଡୀଙ୍କ ଅନ୍ୟ ଏକ ଫାର୍ମା କମ୍ପାନୀରୁ ଭାଜପା ୫୯.୫କୋଟି ଟଙ୍କାର ଚାନ୍ଦା ନେଇଥିବା ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣାପଡ଼ିଛି।




ଖବରଦାତା ସମ୍ମିଳନୀରେ ଆପ୍‌ର ରାଜ୍ୟ ସମ୍ପାଦକଙ୍କ ସହ ଅନ୍ୟ କର୍ମକର୍ତ୍ତା।

କମ୍ପାନୀଗୁଡ଼ିକୁ ଇଡ଼ି ମାଧ୍ୟମରେ ଭୟଭୀତ କରାଇ ପରବର୍ତ୍ତୀ ସମୟରେ ଭାଜପା ଚାନ୍ଦା ଆଦାୟ କରୁଛି ବୋଲି ଅଭିଯୋଗ କରିଛନ୍ତି ଆପ୍ ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ । ପୂର୍ବରୁ ପି.ସରଥ ଦିଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କୁ ଚିହ୍ନି ନ ଥିବା କହିଥିବାରୁ ସୁପ୍ରିମକୋର୍ଟରେ ତାଙ୍କ ଜାମିନକୁ ବିରୋଧ କରିଥିଲା ଇଡି । ବର୍ତ୍ତମାନ କେଜରିୱାଲଙ୍କୁ ଗିରଫ କରିବା ସହିତ ଉକ୍ତ ବ୍ୟକ୍ତିଙ୍କଠାରୁ ଭାଜପା କିଭଳି ଚାନ୍ଦା ନେଇଛି ତାହାର ତଦନ୍ତ କରାଯିବା ସହିତ ପ୍ରଧାନମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଛି ଆପ୍ । ଭାଜପା କେନ୍ଦ୍ର ସରକାର ଦାୟିତ୍ୱରେ ରହିଥିବାରୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ବ୍ୟବସାୟୀଙ୍କୁ ଭୟଭୀତ କରାଇ ପରବର୍ତ୍ତୀ ସମୟରେ ସେମାନଙ୍କଠାରୁ ଚାନ୍ଦା ଆଦାୟ କରୁଛି ବୋଲି ଆପ୍ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଥିସହିତ ନିର୍ବାଚନ ହାରିଯିବା ଡରରେ ବ୍ୟବସାୟୀମାନଙ୍କୁ ତଦନ୍ତ ନାଁରେ ଡରାଇ ଚାନ୍ଦା ଦୋ-ଧନ୍ଦା ଲୋ କହି ବିରୋଧୀ ନେତାମାନଙ୍କୁ ବେଆଇନ ଭାବେ ଗିରଫ କରୁଥିବା ଅଭିଯୋଗ କରିଛି ଏଏପି। ତେଣୁ ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ୍ମେଜୟ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଚରଣ ପଟ୍ଟନାୟକ, ପ୍ରଦୀପ ସେନାପତି, ବିଜୁ କାଡ୍ରାକା, ମଧୁସୂଦନ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗାଡ଼ିଧକ୍କାରେ ସହକାରୀ ଶ୍ରମ ଅଧିକାରୀ ଆହତ

ମାଲକାନଗିରି, ୨୪।୩(ଦୁର୍ଯ୍ୟୋଧନ ପାତ୍ର)

ଏକ ଅଜଣା ଗାଡି ଧକ୍କାରେ ମାଲକାନଗିରି ଜିଲା ସହକାରୀ ଶ୍ରମଧିକାରୀ ଆହତ ହୋଇ ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ରବିବାର ସକାଳେ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ସ୍କୁଟିରେ ଡିଏନ୍‌କେ ଛକରୁ ହାଇସ୍କୁଲ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଡିଆରଡିଏ ଓ ଟ୍ରେଜେରୀ ଅଫିସ ଗଳିରାସ୍ତାରୁ ଏକ ବାଇକ୍ ଦ୍ରୁତଗତିରେ ଆସି ମୁଖ୍ୟରାସ୍ତାକୁ ଉଠୁଥିବା ବେଳେ ଡୁରୁକାଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲା। ଯେଉଁଥିରେ ସେ ଗାଡିରୁ ଛିଟିକି ପଡି ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ତାଙ୍କ ପରିବାରଙ୍କୁ ଖବର ଦେଇଥିଲେ। ତାଙ୍କୁ ଜିଲା ହସ୍ପିଟାଲକୁ ନେଇଥିଲେ।

# ବିଶାଖାପାଟଣା ଇଣ୍ଡିଆନ ନାଭି ବିଜୟୀ

## ଟି-୨୦ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜେକେପୁର,୨୪।୩(ନିଧି ଗଣ୍ଡେଚା)

ଗତ ମାର୍ଚ୍ଚ ୧୬ରୁ ଚାଲିଥିବା ଅନିଲ ସିଂ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଶାଖାପାଟଣା ଇଣ୍ଡିଆନ ନାଭି ଏବଂ ଭାଇଜାଗ ସୁପର ନୋଭାସ ବିଶାଖାପାଟଣା ମଧ୍ୟରେ ଖେଳାଯାଇଥିଲା। ବିଶାଖାପାଟଣା ଇଣ୍ଡିଆନ ନାଭି ୪୦ ରନରେ ଭାଇଜାଗ ସୁପର ନୋଭାସକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ନିତିନ ରାଧା ତାୱାରଙ୍କୁ ମ୍ୟାନ ଅଫ ମ୍ୟାଚ, ମ୍ୟାନ୍ ଅଫ ସିରିଜ ସହ ବେଷ୍ଟ ବୋଲର ଏବଂ ଶୁଭମ ରୋହିଲାଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଘୋଷଣା କରାଯାଇଛି।

ଉଦ୍‌ଯାପନୀ ସମାରୋହରେ ଜେକେ କାଗଜକଳର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଉପସଭାପତି କାର୍ମିକ ବିନୟ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଇଜାଗ ସୁପର ନୋଭାସ ରନର୍ସ ଅପ୍ ଟିମକୁ ଟ୍ରଫି ସହ ୫୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ବିଜେତା ଟିମ୍ ଇଣ୍ଡିଆନ ନାଭିକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ମାନବ ସମ୍ବଳ ଜେନେରାଲ ମ୍ୟାନେଜର ସନ୍ଦୀପ ପାଣ୍ଡେ, ମେକାନିକାଲ ଜେନେରାଲ ମ୍ୟାନେଜେର ଏମ୍‌ଆର୍‌କେ ଏମ ରାୟ, ରଞ୍ଜିତ ଦାସ, ଯୋଗେଶ ସାହରେ, ଅରିଜିତ ସ୍ୱାଇଁ, ଶୈଳେନ୍ଦ୍ର କୁମାର ସାମନ୍ତରାୟ ଏବଂ ଜେକେ କାଗଜକଳର କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ରାୟଗଡା ଜିଲା ସଂଯୋଜକ ପି. ଗୌରୀ ଶଙ୍କର, ଜିଲା ପରିଷଦ ସଭ୍ୟ ସନ୍ଧ୍ୟାରାଣୀ ପୁଲକାଙ୍କ ସମେତ ବହୁତ ସଂଖ୍ୟାର ଦର୍ଶକ ଉପସ୍ଥିତ ଥିଲେ। ଦୀପକ କୁମାର ସାମଲ ଉପସ୍ଥିତ ସମସ୍ତ ଟିମ୍, ଦର୍ଶକ ଓ ପରିଚାଳକଙ୍କୁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ଖେଳାଳି।

# ୩ ଆଶାୟୀଙ୍କ ଭିତରୁ କାଳିରାମଙ୍କ ଉପରେ ଆସ୍ଥା ପ୍ରକଟ କଲା ଭାଜପା

ରାୟଗଡ଼ା,୨୪।୩(ଆଶିଷ ରଞ୍ଜନ ପଣ୍ଡା)

ପଞ୍ଚମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଭାଜପା। କୋରାପୁଟରୁ ଜଣେ ମହିଳାଙ୍କ ସମେତ ୩ ପ୍ରମୁଖ ଆଶାୟୀ ରହିଥିବା ବେଳେ ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳିରାମ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରିଛି। କାଳିରାମଙ୍କୁ କୋରାପୁଟ ଲୋକ ସଭା ଆସନ ପ୍ରାର୍ଥୀ ଘୋଷଣା କରିଛନ୍ତି କେନ୍ଦ୍ରୀୟ କମିଟି। ଏହି ଘୋଷଣା ପରେ କାଳିରାମ ଭାଜପା କେନ୍ଦ୍ରୀୟ ସଭାପତି ଜେପି ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମନ୍ତ୍ରୀ ଅମିତ୍ ଶାହା, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଉଭୟ କୋରାପୁଟ ଏବଂ ରାୟଗଡ଼ା ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାଳୀରାମ ପୂର୍ବରୁ ୨୦୦୯ ମସିହାରେ ରାୟଗଡ଼ା



ବିଧାନ ସଭା ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇ ୭୮୯୦ ଭୋଟ ପାଇ ଚତୁର୍ଥ ସ୍ଥାନରେ ଏବଂ ୨୦୧୪ ରେ ୧୭୩୫୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ତେବେ ସେ ଜାତୀୟସ୍ତରରେ ଆଦିବାସୀ ମୋର୍ଚ୍ଚାର ସମ୍ପାଦକ ରହିବା ସହିତ କୋରାପୁଟ ଲୋକ ସଭା କ୍ଷେତ୍ରରେ ଭାଜପା ଦଳର ସଂଗଠନକୁ

**କୋରାପୁଟ ଲୋକସଭା ଆସନ**

ସୁଦୃଢ଼ କରିଥିବାରୁ ଦଳ ଆସ୍ଥା ପ୍ରକଟ କରି ଲୋକସଭା ପାଇଁ ଟିକେଟ ଦେଇଥିବା କର୍ମୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କୋରାପୁଟ ଲୋକ ସଭା ଆସନରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି କାଳୀରାମ କହିଛନ୍ତି। ସେ ଆହୁରିମଧ୍ୟ କହିଛନ୍ତି, ଦିନକୁ ଦିନ ଅଞ୍ଚଳରେ ଭାଜପାର ସମର୍ଥକ ସଂଖ୍ୟା ବଢ଼ିବାରେ ଲାଗିଛି।

# ଲାୟନ୍ସ କ୍ଲବର ଜିଲାସ୍ତରୀୟ ସମ୍ମିଳନୀ

ରାୟଗଡ଼ା,୨୪।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଲାୟନ୍ସ କ୍ଲବର ୧୧ତମ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ୨୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ ଦିଲୀପ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ଲାୟନ୍ ଇଣ୍ଟରନ୍ୟାଶନାଲର ପୂର୍ବତନ ନିର୍ଦ୍ଦେଶକ ଲାୟନ୍ ବିଜୟ କୁମାର୍ ରାଜୁ ଉଦ୍‌ଘାଟନ କରିଥିଲେ। ଏଥିରେ ଲାୟନ୍ ଭିଏସ୍‌ଏସ୍ ବର୍ମା, ପିଡିଜି ସୁରେଶ ପାଢ଼ି, ଆଇପିପି ସୁରେଶ ଚନ୍ଦ୍ର ନାୟକ, ଭିଡିଜି-୧ ଲାୟନ୍ ସରସ୍ୱତୀ ପାତ୍ର, ଭିଡିଜି-୨ ଲାୟନ୍ ହେମନ୍ତ ଖୁଣ୍ଟିଆ, ଡ. ପି କେ ତ୍ରିପାଠୀ, ରାୟଗଡ଼ା ଲାୟନ୍ସ କ୍ଲବ୍‌ର ସଭାପତି ଭି. ଭାସ୍କର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମିଳନୀ ସଂଗଠନର ସଭାପତି ଲାୟନ୍ ସତ୍ୟବାଦୀ ପତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିଜି ପୂର୍ଣ୍ଣ ଚନ୍ଦ୍ର ପାଢ଼ି, ଡ଼. ଦୁଃଖିଶ୍ୟାମ ଦାସ, ପ୍ରତାପ ଚନ୍ଦ୍ର ବାଉରି, କେ ଶ୍ରୀନିବାସ, ଟି ଜୟରାମ, ଟି ଚନ୍ଦ୍ରଶେଖର, ଶୁଶ୍ରିତା ଦାସ, ସ୍ମିତା ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ବର୍ଷ ପାଇଁ ସରସ୍ୱତୀ ପାତ୍ର ଜିଲା ଗଭର୍ଣ୍ଣର ଭାବେ ନିର୍ବାଚିତ ହେଲେ। ସେହିପରି ଡ଼.ହେମନ୍ତ ଖୁଣ୍ଟିଆ ଭିଡ଼ିଜି-୧ ଏବଂ ଅଶ୍ୱିନୀ କୁମାର ଦାସ, ଭିଡିଜି-୨ ଭାବେ ନିର୍ବାଚିତ ହେଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଲାୟନ୍ସ କ୍ଲବର ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

# ମହିଳାଙ୍କ ଡିଜିଟାଲ ଆକାଉଣ୍ଟ ଖୋଲି ସର୍ଭିସ ଚାର୍ଜ ଆଦାୟ

- ଭତ୍ତା ଟଙ୍କା ହଡ଼ପ ପାଇଁ ଅଭିନବ ଯୋଜନା
- ରାୟଗଡ଼ାରେ ଜନସେବା କେନ୍ଦ୍ର, ଗଜପତି ଜିଲା ଅଧୀନରେ ଖୋଲାଯାଉଛି ଆକାଉଣ୍ଟ

ରାୟଗଡ଼ା,୨୪।୩(ଆଶିଷ ରଞ୍ଜନ ପଣ୍ଡା)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଅନ୍ୟ ସରକାରୀ ଭତ୍ତା ଟଙ୍କା ହଡ଼ପ ପାଇଁ ମହିଳାଙ୍କୁ ଭୁଆଁ ବୁଲାଇ ଗଜପତି ଜିଲା ଅଧୀନରେ ଖୋଲାଯାଉଛି ଡିଜିଟାଲ ଆକାଉଣ୍ଟ । ନିଜକୁ ପୋଷ୍ଟାଲ ବିଭାଗ ବିପିଏମ୍ ବୋଲି ପରିଚୟ ଦେଇ ଏକ ଜନସେବା କେନ୍ଦ୍ରରେ ବେଆଇନ ଭାବେ ଖୋଲାଯାଉଛି ଆଇପିପିବି (ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ) ଡିଜିଟାଲ ଆକାଉଣ୍ଟ । ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ସ୍କିମ୍‌ରେ ଟଙ୍କା ଆସିବ କହି ନିଜ ଅଞ୍ଚଳ ବଦଳରେ ରାୟଗଡ଼ାରେ ନିଜ ଜନସେବା କେନ୍ଦ୍ରରେ ବସି ଆକାଉଣ୍ଟ ଖୋଲୁଛନ୍ତି ଜଣେ ବ୍ୟକ୍ତି । ଏହିଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରର ରାଣୀଗୁଡ଼ା ଅଞ୍ଚଳରେ।

ରାୟଗଡ଼ା ସହରର ରାଣୀଗୁଡ଼ା ଅଞ୍ଚଳସ୍ଥିତ ଭାମସି ଫଙ୍କ୍ସନ ହଲ୍ ପଛପଟେ ରହିଛି ପ୍ରୀତି ଜନସେବା କେନ୍ଦ୍ର । ଉକ୍ତ କେନ୍ଦ୍ରରେ ପ୍ରତିଦିନ ମହିଳାଙ୍କ ଭିଡ଼ ଜମୁଛି। ସେଠାରେ ମିଟୁ ଦାସ ନାମକ ଜଣେ ବ୍ୟକ୍ତି ନିଜକୁ ଗଜପତି ଜିଲା ଆର.ଉଦୟଗିରି ବ୍ଲକର ପରିସିଲ ଗ୍ରାମ ଡାକ ବିଭାଗରେ ବିପିଏମ୍ ବୋଲି ପରିଚୟ ଦେଇ ମହିଳାଙ୍କ ଆଇପିପିବି ଆକାଉଣ୍ଟ ଖୋଲୁଛନ୍ତି । ମହିଳାଙ୍କୁ କେନ୍ଦ୍ର ସରକାର ପକ୍ଷରୁ ମାଗଣା ଟଙ୍କା ଆକାଉଣ୍ଟରେ ଆସିବ ବୋଲି କହି ଏହି ଆକାଉଣ୍ଟ ଖୋଲାଯାଉଥିବା ମହିଳାମାନେ କହିଛନ୍ତି । ତେବେ ଉକ୍ତ ବ୍ୟକ୍ତି ଜଣକ ତେବେ ସେ ନିଜ ଅଞ୍ଚଳରେ କାମ ନ କରି ରାୟଗଡ଼ାରେ ଏକ ଜନସେବା କେନ୍ଦ୍ରରେ ବସି ଡାକ ବିଭାଗର ଦରମା ସାଙ୍ଗକୁ ଏଠାରେ ମହିଳାଙ୍କ ଆଇପିପିବି ଆକାଉଣ୍ଟ ଖୋଲି ୧୦୦ଟଙ୍କା ସର୍ଭିସ ଚାର୍ଜ ନେଉଥିବା ଦେଖିବାକୁ ମିଳିଛି । ଏ ନେଇ ତାଙ୍କୁ ପଚାରିବାରୁ ସେ ଡାକ ବିଭାଗର ରାୟଗଡ଼ା ଉପଖଣ୍ଡ ଅଧୀନରେ କାର୍ଯ୍ୟରତ। ତେଣୁ



ଆଇପିପିବି ଆକାଉଣ୍ଟ ଖୋଲିବା ସମୟର ଦୃଶ୍ୟ।

ସେ ଯେଉଁଠାରେ ମଧ୍ୟ ଲୋକଙ୍କ ଆକାଉଣ୍ଟ ଖୋଲିପାରିବେ ବୋଲି କହିଛନ୍ତି ଏବଂ ମହିଳାଙ୍କଠାରୁ ୩୦୦ ଟଙ୍କା ନେଉଛନ୍ତି । ସେଥିରୁ ୨୦୦ଟଙ୍କା ସେମାନଙ୍କ ନାଁରେ ଆଧାର ମାଧ୍ୟମରେ ଆକାଉଣ୍ଟ ଖୋଲି ଜମା କରୁଛନ୍ତି। ବଳକା ୧୦୦ଟଙ୍କା ନିଜର ଚାର୍ଜ ଭାବେ ରଖୁଛନ୍ତି। ଆକାଉଣ୍ଟ ଖୋଲିବା ପରେ ସେମାନଙ୍କୁ ଏକ କ୍ୟୁଆର ସଂଲଗ୍ନ କାର୍ଡ଼ ମଧ୍ୟ ଦେଉଛନ୍ତି। ତେବେ ଆଇପିପିବି ଆକାଉଣ୍ଟ ପାଇଁ କୌଣସି ଚାର୍ଜ ନ ଥିବା ନେଇ ପଚାରିବାରୁ ସେ ନିଜର ଜନସେବା କେନ୍ଦ୍ରରେ ମହିଳାଙ୍କ ଆକାଉଣ୍ଟ ଖୋଲୁଛନ୍ତି, ତେଣୁ ଚାର୍ଜ ନେଉଛନ୍ତି ବୋଲି କହିଛନ୍ତି । ତେବେ ଏ ବିଷୟରେ ରାୟଗଡ଼ା ଡାକ ବିଭାଗ ଉପଖଣ୍ଡର ସହକାରୀ ଅଧୀକ୍ଷକ ସିଏଚ.ଜୱାହର ରାଓଙ୍କୁ ପଚାରିବାରୁ ବିପିଏମ୍ ନିଜ ପରିସୀମାରେ ଆକାଉଣ୍ଟ ଖୋଲିପାରିବେ। କିନ୍ତୁ ଏହି ଆକାଉଣ୍ଟ ପାଇଁ କୌଣସି ଚାର୍ଜ ନେଇପାରିବେ ନାହିଁ ବୋଲି କହିଛନ୍ତି । ଏଭଳିକି ଗଜପତି ଜିଲାରେ ଲୋକଙ୍କ ଆକାଉଣ୍ଟ ଥିବ ଏବଂ ଯଦି କେହି ରାୟଗଡ଼ା ଆଇପିପିବି ବ୍ୟାଙ୍କରେ ଟଙ୍କା ଉଠାନ୍ତି, ତେବେ ସେମାନଙ୍କ ଆକାଉଣ୍ଟରୁ ଇଣ୍ଟରସିଟି ଚାର୍ଜ କଟିବ ବୋଲି ସେ କହିଛନ୍ତି। ତେବେ ଯଦି କେହି ଏଭଳି କରୁଛନ୍ତି ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜୱାହର କହିଛନ୍ତି। ଅନ୍ୟପଟେ ଡାକ ବିଭାଗର ଜଣେ କର୍ମଚାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି ଯେ, ଏମଜିଏନଆରଇଜିଏସ୍ ଟଙ୍କା ପାଇଁ ଦଲାଲମାନେ ପୋଷ୍ଟାଲ ଆକାଉଣ୍ଟ ଖୋଲି ଲୋକଙ୍କ ଟଙ୍କା ଜମା ପରେ ସେମାନଙ୍କ ୧ହଜାର ଟଙ୍କା ଦେଇ ବଳକା ଟଙ୍କା ନେଇଯାଉଛନ୍ତି। ଏହିଭଳି ଆକାଉଣ୍ଟ ଖୋଲିବା ପାଇଁ ଗତ ଦିନରେ ତାଙ୍କୁ ମଧ୍ୟ କିଛି ଦଲାଲ ଯୋଗାଯୋଗ କରିଥିଲେ ହେଁ ସେ ଏହା କରିବାକୁ ମନା କରିଦେଇଥିଲେ। ଏମଜିଏନଆରଇଜିଏସ୍ ଯୋଜନା ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ନିଶ୍ଚିତ କର୍ମନିଯୁକ୍ତି ମିଳୁଥିବା ଦଲାଲମାନେ ମେଶିନ୍ ସାହାଯ୍ୟରେ କାମ କରାଇ ଏଭଳି ଦୁର୍ନୀତି କରୁଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଓ ଡାକ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଅଟୋ ଓଲଟି ନାବାଳିକା ମୃତ

ଜୟପୁର, ୨୪।୩ (ପବନ ପାଣିଗ୍ରାହୀ)

ଗୋଟିଏ ପରିବାରର ୫ ଜଣ ଯାତ୍ରୀଙ୍କୁ ଧରି କଙ୍ଗାଠାରୁ ହାନାଗୁଡା ଯାଉଥିବା ବେଳେ ଏକ ଅଟୋ ଗାଗନାପୁରଠାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଅଟୋରେ ବସିଥିବା ଜଣେ ନାବାଳିକା(୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଟୋରେ ଥିବା ଅନ୍ୟ ୪ଜଣ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୨୪।୩ (ପବନ ପାଣିଗ୍ରାହୀ)

ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ସହରର ଡେପଗୁଡାରେ ରହୁଥିବା ସନ୍ଧ୍ୟା ବାହାଦୁର ଗତ ୫ ବର୍ଷ ତଳେ ଦୀପକ ବେହେରାଙ୍କୁ ବିବାହ କରିଥିଲେ। ଏବେ କିଛି ମାସ ହେଲା ତାଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।

### ଜିଲାସ୍ତରୀୟ ଯୁବ ସାଧନା ଶିବିର

ବୋରିଗୁମ୍ମା, ୨୪।୩(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ଯୁବ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କେ.ମାର୍କଣ୍ଡେୟ ସରାଫଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ କୋରାପୁଟ ଜିଲାରୁ ୮୦ ଯୁବ ସଂଯୋଜକ ଯୋଗ ଦେଇଥିଲେ। ରବିବାର ପ୍ରାତଃରେ ନଗର ସଂକୀର୍ତ୍ତନ କରାଯାଇଥିଲା। ପରେ ସତ୍ୟସାଇ ମନ୍ଦିରରେ ଅଙ୍କୁରୋମ, ଲିଖିତ ନାମ ଜପ, ବାବାଙ୍କ ଭଜନ ଗାନ କରାଯାଇଥିଲା। ଜିଲା ଆଇଟି ଇନ୍‌ଚାର୍ଜ ଏସ. କ୍ରିଷ୍ଣାବେଣି ସିଷ୍ଟଲା ଅତିଥି ପରିଚୟ ଦେଇଥିଲେ। ଜୀବନର ପ୍ରତିଟି ପାଦରେ 'ତୁମେ ସାଇ' ଉପରେ ଆଲୋଚନା ହୋଇଥିଲା। ବୋରିଗୁମ୍ମା ସତ୍ୟସାଇ ଭଜନ ମଣ୍ଡଳୀର ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ଗାଡ଼ିଧକ୍କାରେ ସହକାରୀ ଶ୍ରମ ଅଧିକାରୀ ଆହତ

ମାଲକାନଗିରି, ୨୪।୩(ଦୁର୍ଯ୍ୟୋଧନ ପାତ୍ର)

ଏକ ଅଜଣା ଗାଡି ଧକ୍କାରେ ମାଲକାନଗିରି ଜିଲା ସହକାରୀ ଶ୍ରମଧିକାରୀ ଆହତ ହୋଇ ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ରବିବାର ସକାଳେ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ସ୍କୁଟିରେ ଡିଏନ୍‌କେ ଛକରୁ ହାଇସ୍କୁଲ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଡିଆରଡିଏ ଓ ଟ୍ରେଜେରୀ ଅଫିସ ଗଳି ରାସ୍ତାରୁ ଏକ ବାଇକ୍ ଦ୍ରୁତଗତିରେ ଆସି ମୁଖ୍ୟରସ୍ତାକୁ ଉଠୁଥିବା ବେଳେ ଡୁରୁକାଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲା। ଯେଉଁଥିରେ ସେ ଗାଡିରୁ ଛିଟିକି ପଡି ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ତାଙ୍କ ପରିବାରଙ୍କୁ ଖବର ଦେଇଥିଲେ। ତାଙ୍କୁ ଜିଲା ହସ୍ପିଟାଲକୁ ନେଇଥିଲେ। ଡୁରୁକାଙ୍କ ହାତ ଓ ଗୋଡରେ ଆଘାତ ଲାଗିଛି ।

### ଗୋଲୁର ଗ୍ରାମର ପୂର୍ଣ୍ଣଚନ୍ଦ୍ରଙ୍କୁ ପଳାତକ ଘୋଷଣା କଲା ପୋଲିସ



ନନ୍ଦପୁର, ୨୪।୩ (ଶଙ୍କର ପୂଜାରୀ)

ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ପୋଲିସ ଗୋଲୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଖୁଡାଙ୍କୁ ଏସଡିଜେଏମ ଅଦାଲତ ଅବମାନନା ଅଭିଯୋଗରେ ପଳାତକ ଘୋଷଣା କରିଛି। ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ ଅଦାଲତ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ପୂର୍ଣ୍ଣ ଚନ୍ଦ୍ରଙ୍କ ଘର ସମ୍ମୁଖରେ ଏ ସମ୍ପର୍କିତ ନୋଟିସ ମାରି ଆସନ୍ତା ୩୦ ଦିନ ଅର୍ଥାତ୍ ୨୩।୪।୨୦୨୪ ରିଖ ମଧ୍ୟରେ ଆତ୍ମ ସମର୍ପଣ କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ଅନ୍ୟଥା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ବ୍ୟାଜପ୍ତି ହେବ ବୋଲି ଜାରି ନୋଟିସ୍‌ରେ କୁହାଯାଇଛି। ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀଙ୍କ ନିର୍ଦ୍ଦେଶରେ ଏସଆଇ ହୃଷୀକେଶ ବେନିଆ ଓ ଟିମ୍ ଗୋଲୁର ଗ୍ରାମରେ ପହଞ୍ଚି ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରି ପୂର୍ଣ୍ଣଚନ୍ଦ୍ରଙ୍କ ଘର କାନ୍ଥରେ ନୋଟିସ ମାରିଥିବା ଜଣାପଡିଛି।

# ସୀମାନ୍ତରେ ନିର୍ବାଚନ ପରିଚାଳନା ନେଇ ଚିନ୍ତାରେ ପ୍ରଶାସନ

ପଟ୍ଟାଙ୍ଗି, ୨୪।୩(ଶରତ ଧଳ)

ଲୋକ ସଭା ଓ ବିଧାନସଭା ନିର୍ବାଚନ ତାରିଖି ଘୋଷଣା ପରଠାରୁ ଜିଲା ଏବଂ ବ୍ଲକ ପ୍ରଶାସନ କ୍ଷେତ୍ରରେ ତତ୍ପରତା ବୃଦ୍ଧି ପାଇଛି। ତେବେ ଆନ୍ଧ୍ର ସୀମାନ୍ତ ପଞ୍ଚାୟତଗୁଡ଼ିକରେ କିପରି ମତଦାନ ଶାନ୍ତିଶୃଙ୍ଖଳାର ସହ ହୋଇ ମତଦାନ ହାର ପ୍ରତିଶତ ବଢ଼ିବ ସେନେଇ ପ୍ରଶାସନର ଚିନ୍ତା ବଢ଼ିଛି। ଏହିପରି ସ୍ଥିତି ଦେଖାଦେଇଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ୯ଟି ବୁଥ୍ କ୍ଷେତ୍ରରେ।

କୋଟିଆ ପଞ୍ଚାୟତର ଟାଉପଦର, ଥୁରିଆ, ତଳକାଣ୍ଟି, ଗୁମେଲପଦର ଆଦି ୪ଟି ବୁଥ୍ ଓଡ଼ିଶା ସୀମା ଭିତରେ ରହିଥିବା ବେଳେ ଅବଶିଷ୍ଟ ଫଗୁଣସିନେରି, ମାଡକାର୍, କୋଟିଆ, ରଣାସିଂ, ଗଞ୍ଜେଇପଦର ଆଦି ୫ଟି ବୁଥ୍ ପଡ଼ୋଶୀ ଆନ୍ଧ୍ର ସୀମାନ୍ତରେ ରହିଛି। ଏହି ୫ଟି ବୁଥ୍‌ରେ କିପରି ମତଦାନ ହାର ବଢ଼ିବ ଏବଂ ଶାନ୍ତିଶୃଙ୍ଖଳାର ସହ ମତଦାନ ହେବ ସେନେଇ ଜିଲା ଓ ବ୍ଲକ ପ୍ରଶାସନ ସଚେତନତା କାର୍ଯ୍ୟକ୍ରମ କରି ଭୋଟରଙ୍କୁ ମତଦାନ ପ୍ରତି ଆକୃଷ୍ଟ କରିବାକୁ ଦୃଷ୍ଟିରେ ରଖିଛି। ସୀମାନ୍ତ ବୁଥ୍‌ଗୁଡ଼ିକ ମଧ୍ୟରୁ ଫଗୁଣସିନେରି, ଫାଟୁସିନେରି, ହରମାଣ୍ଡାଙ୍ଗି ଓ ମହିପାଣିର ଭୋଟର୍ ଫଗୁଣସିନେରି ବୁଥ୍‌ରେ ମତଦାନ କରିବାକୁ ଥିବାବେଳେ ମାଡାକାର ଏବଂ ଡୋଲିଆମ୍ବ ଗ୍ରାମର ଭୋଟର୍‌ମାନେ ମାଡକାର୍ ବୁଥ୍‌ରେ ମତଦାନ କରିବେ। ସେହିପରି କୋଟିଆ, ଜାନିଗୁଡା, ଉପରସେମ୍ଳି, ତଳସେମ୍ଳି ପରି କିଛି ଗ୍ରାମର ଭୋଟର୍ କୋଟିଆ ବୁଥ୍‌ରେ ମତଦାନ ସାବ୍ୟସ୍ତ କରିବାକୁ ଥିବା ବେଳେ ଗଞ୍ଜେଇପଦର, ଉପର ଗଞ୍ଜେଇପଦର, କୁରୁଡିପଦର ଗ୍ରାମର ଭୋଟର୍ ଗଞ୍ଜେଇପଦର ବୁଥ୍‌ରେ ମତଦାନ ସାବ୍ୟସ୍ତ କରିବେ। ଅନ୍ୟପକ୍ଷରେ ନେରିଡିବାଲସା, ତାଡିବାଲସା ଓ ସିଡିବାଲସା ଗ୍ରାମର ଭୋଟର୍ ରଣାସିଂ ବୁଥ୍‌ରେ ମତଦାନ ସାବ୍ୟସ୍ତ କରିବାକୁ ସ୍ଥିର ହୋଇଛି। ତେବେ ଏହି ରଣାସିଂ ବୁଥ୍‌ଟି ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି। ଏଥିପାଇଁ କିଛି ସମସ୍ୟା ଉପୁଜିବାର ସମ୍ଭାବନା ରହିଛି।

ସେପଟେ ପଡ଼ୋଶୀ ଆନ୍ଧ୍ର ରାଜ୍ୟ ଓଡ଼ିଶାର ନେରିଡିବାଲସା, ତିକାପାରୁ ଏବଂ ଡି.ଏଙ୍କାଲବାଲସା ଆଦି ତିନି ଗ୍ରାମରେ ବୁଥ୍ କରି ନିଜ ରାଜ୍ୟର ନିର୍ବାଚନ ମତଦାନ ହାର ବୃଦ୍ଧି କରିବା ପାଇଁ କସରତ ଆରମ୍ଭ କରିଦେଇଛି। ଆନ୍ଧ୍ର ତା'ର ଉପରୋକ୍ତ ୩ଟି ବୁଥ୍ ଅଧୀନରେ ରହିଥିବା ୪୮୦୦ ଭୋଟରଙ୍କ ମତଦାନ କିପରି ନିଜ ରାଜ୍ୟ ସପକ୍ଷରେ ସାବ୍ୟସ୍ତ କରିବ ସେନେଇ ସୀମାନ୍ତବାସୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳର କର୍ମୀ ଏବଂ ସରକାରୀ ପଦାଧିକାରୀଙ୍କୁ ପଠାଇ ସମ୍ପୃକ୍ତ ଅଞ୍ଚଳରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏପରି ସ୍ଥିତି ଭିତରେ ଓଡ଼ିଶାର ଉକ୍ତ ପଞ୍ଚାୟତର ୯ଟି ବୁଥ୍‌ରେ ୫୫୦୨ ଭୋଟର୍ ମଧ୍ୟରୁ ସୀମାନ୍ତ ୫ଟି ବୁଥ୍‌ରେ ମତଦାନ ପାଇଁ ୨୭୯୬ ଭୋଟର୍ ରହିଛନ୍ତି। ସେଥିମଧ୍ୟରୁ ମହିଳା ୧୪୮୭ ଏବଂ ପୁରୁଷ ୧୩୦୯ ଭୋଟର୍ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ସମୟରେ କୋଟିଆ ପଞ୍ଚାୟତରେ ଓଡ଼ିଶାର ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ପଡ଼ୋଶୀ ଆନ୍ଧ୍ରର ୫୭ ପ୍ରତିଶତ ମତଦାନ ହୋଇଥିଲା। ସୂଚନାଯୋଗ୍ୟ, ଆନ୍ଧ୍ରର ଉପରୋକ୍ତ ୩ଟି ବୁଥ୍ ଉପରେ ଓଡ଼ିଶାର ଅଣସର୍ଭେ ୨୧ଟି ଗ୍ରାମର ଗ୍ରାମବାସୀ ଭୋଟ ଦେବାକୁ ନିର୍ଭର କରିଥାନ୍ତି।

## ହଳପୋଡ଼ା, ଦୋଳ ସହ ହୋଲି ପାଇଁ ପୋଲିସର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନନ୍ଦପୁର, ୨୪।୩ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସଦର ମହକୁମାରେ ରବିବାର ସନ୍ଧ୍ୟାରେ ହଳପୋଡା ଯାତ୍ରା, ସୋମବାର ଦୋଳ ପୂର୍ଣ୍ଣିମା ବିଧି ଓ ମଙ୍ଗଳବାର ହୋଲି ପର୍ବ ପାଳନ ହେବ। ଏନେଇ ପ୍ରବଳ ଜନସମାଗମ ହେବ। ଶାନ୍ତିଶୃଙ୍ଖଳାର ସହ ଏହି ତିନି ପର୍ବ ପାଳନ ପାଇଁ ନନ୍ଦପୁର ପୋଲିସ ପକ୍ଷରୁ ରବିବାର ପୂର୍ବାହ୍ନରେ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏସଡିପିଓ ସସ୍ମିତ ମାଝୀ, ତହସିଲଦାର ଅନାଦି ଚରଣ ସାହୁ, ଥାନା ଅଧିକାରୀ ମମତା ପଣ୍ଡା, ଏସଆଇ ବେଦୋବର ସାହୁ, ଦିପ୍ତୀମୟୀ ଧାରୁଆ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଯୋଗୀ, ଗଉଡ, କୁମ୍ଭାର ସେବାୟତମାନେ ଉପସ୍ଥିତ ଥିଲେ। ପାଙ୍ଗି ତିନି ଉତ୍ସବର ନୀତିକାନ୍ତି ଓ ଆୟୋଜିତ ହେବାକୁ ଥିବା ମନୋରଞ୍ଜନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଅବଗତ କରିଥିଲେ। ପ୍ରବଳ ଜନ ସମାଗମ ହେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଏସଡିପିଓ ମାଝୀ ଓ ତହସିଲଦାର ସାହୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କୌଣସି ଅଘଟଣକୁ ଏଡାଇବାକୁ ପୋଲିସ ସହ ପଞ୍ଚାୟତରୁ କେତେକ ଗ୍ରାମର ସ୍ୱେଚ୍ଛାସେବୀ ସାମିଲ ହେବେ। ଏମାନେ ଅସାମାଜିକ ତତ୍ତ୍ୱଙ୍କ ଗତିବିଧି ଉପରେ ନଜର ରଖିବେ।

## ଡାକ ବିଭାଗୀୟ ସଂଘର ମଣ୍ଡଳସ୍ତରୀୟ ବୈଠକ

ଜୟପୁର, ୨୪।୩ (ପବନ ପାଣିଗ୍ରାହୀ)




ବୈଠକରେ ସଂଘ ସଦସ୍ୟମାନେ ଆଲୋଚନା କରୁଛନ୍ତି।

ସ୍ଥାନୀୟ ଯାଦବ ଭବନଠାରେ ରବିବାର ଅଖିଳ ଭାରତ ଡାକ ବିଭାଗୀୟ ତୃତୀୟ ଶ୍ରେଣୀ ଓ ପୋଷ୍ଟମ୍ୟାନ ଏବଂ ଏମ୍‌ଟିଏସ୍ ସଂଘର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ମଣ୍ଡଳର କାର୍ଯ୍ୟକାରିଣୀ ସଦସ୍ୟ ଓ ସାଧାରଣ ସଦସ୍ୟମାନେ ଯୋଗଦେଇ ଆସନ୍ତା ଏପ୍ରିଲ ୨୦ ଓ ୨୧ ତାରିଖରେ ହେବାକୁ ଥିବା ସର୍କଲସ୍ତରୀୟ ଦ୍ୱିବାର୍ଷିକ ସମ୍ମିଳନୀ ଓ ମଣ୍ଡଳସ୍ତରୀୟ ଦ୍ୱିବାର୍ଷିକ ସମ୍ମିଳନୀକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ବୈଠକରେ ଅତିଥି ଭାବେ ଯୁଧିଷ୍ଠିର ରାଉଳ ଓ ପ୍ରମୋଦ ମହାନ୍ତି ଯୋଗ ଦେଇଥିଲେ। ଭାସ୍କର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଭୂଷଣ ଭତ୍ରା, ପୂର୍ଣ୍ଣଚନ୍ଦ୍ର ମହାରଣା, ନୀଳାମ୍ବର ନାୟକ, ଭୁବନ ଗୌଡ, ପଦମ ସିଂହ ନାୟକ, ସାନୁଜ ନାୟକ, ଜିତେନ୍ଦ୍ର ବିଶୋୟୀ, ସଦାଶିବ ଜେନା, ନୀଳମାଧବ ନାୟକ, ହଳଧର ଗୌଡ, ସ୍ମିତା ଦାସ, ଡମ୍ବରୁ ମାଳୀ, ପ୍ରଦୀପ ସାହୁ ଆଲୋକ ଶତପଥୀ, ଭବେନ୍ଦ୍ର ରାଉତ, ଦଶମନ୍ତ ଗଣ୍ଡ, ଅମୀୟ ରଞ୍ଜନ ମହାରଣା ଉପସ୍ଥିତ ଥିଲେ।

## ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

କୋରାପୁଟ, ୨୪।୩(ଅମିତାଭ ବେହେରା)

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ଲାଗି କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ବାସଭବନରେ ହୋଇଥିବା ଏହି ବୈଠକରେ ପୌର ପରିଷଦ କାଉନସିଲରମାନଙ୍କ ସହ ଯୁବ ବିଜେଡି ନେତା ଓ ମହିଳା ବିଜେଡି ନେତ୍ରୀମାନେ ଉପସ୍ଥିତ ରହି ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ଜିଲା ଯୁବ ବିଜେଡି ଉପ ସଭାପତି ଈଶ୍ୱର ଆଲାଡ, ଯୁବ ନେତା ରକି ପଣ୍ଡା, ଜିଲା ମହିଳା ଉପ ସଭାନେତ୍ରୀ ଲିଲି ବୁରୁଡ଼ି, କାଉନସିଲର କାଦମ୍ବିନୀ ସେଠୀ, ପଦ୍ମା ମୁଦୁଲି, ସୁଭଦ୍ରା ମୁଦୁଲି, ପୁଣ୍ୟତୋୟା ଦୀପଶିଖା କୁଲୁ, ମଧୁସୂଦନ ମାଝୀ, ବି. ମାଲେଶ୍ୱର ରାଓ, କେ.ଗୁପ୍ତେଶ୍ୱର, ରବି ପରଜା, ପ୍ରଫୁଲ୍ଲ ମହାପାତ୍ରଙ୍କ ସହ ଅନ୍ୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ ବିଜୟୀ କରାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଦେଶରେ ରେକର୍ଡ ସୃଷ୍ଟି କରିବାକୁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ମତ ଦେଇଥିଲେ।

## ଭୋଟ ବର୍ଜନ କରିବେ ଗମ୍ଭାରିଗୁଡ଼ାବାସୀ

ଦଶମନ୍ତପୁର, ୨୪।୩ (ଅରବିନ୍ଦ ନାୟକ )

ରାୟଗଡ଼ା ଜିଲା ଅନ୍ତର୍ଗତ କାଶୀପୁର ବ୍ଲକ୍ ଅଧୀନରେ ଥିବା କୁଚେଇପଦର ପଞ୍ଚାୟତର ଗମ୍ଭାରିଗୁଡ଼ା ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ଅତିଷ୍ଠ ହୋଇ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଗ୍ରାମରେ ୫୬ ପରିବାର ବସବାସ କରନ୍ତି। ଗ୍ରାମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଏହି ଗ୍ରାମ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ଠାରୁ ୩ କି.ମି. ଦୂରରେ ରହିଛି। ଗ୍ରାମକୁ ଦଶମନ୍ତପୁର ବ୍ଲକ୍‌ରେ ରଖା ନ ଯାଇ ୭୦ କି.ମି.ଦୂର ରାୟଗଡ଼ା ଜିଲାର କାଶୀପୁର ବ୍ଲକ୍‌ରେ ରହିଛି। ଫଳରେ ଯେକୌଣସି ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇବାକୁ ହେଲେ ଗ୍ରାମବାସୀଙ୍କୁ କାଶୀପୁର ଯିବାକୁ ପଡୁଛି। ଗ୍ରାମବାସୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ପାନୀୟ ଜଳ, ଶିକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ସମସ୍ୟା ଲାଗି ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ କୌଣସି ଅଘଟଣ ଘଟିଲେ ଗ୍ରାମବାସୀଙ୍କୁ ୩୫ କି.ମି. ଦୂର ଦୋରାଗୁଡ଼ା ଥାନାକୁ ଯିବାକୁ ପଡୁଛି। ଦଶମନ୍ତପୁର ବ୍ଲକ୍‌ରେ ଗ୍ରାମକୁ ସାମିଲ କରିବା ଲାଗି କାଶୀପୁରର ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି ଏବଂ ଏମ୍‌ପି ସପ୍ତଗିରି ଉଲ୍ଲାକା ପ୍ରତିଶ୍ରୁତି ଦେଇ ଭୋଟ ନେବା ପରେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଇଛନ୍ତି ବୋଲି ଗ୍ରାମର ମହେଶ୍ୱର ମାଣ୍ଡିଙ୍ଗା, ଆରତ ନାଚିକା, ଟିଙ୍କିମ ନାଚିକା, କମଳା ମାଣ୍ଡିଙ୍ଗା, ପାଲାଇ ସାଉଁନ୍ତା, ସୁବାଇ ନାଚିକା, ଭାଙ୍ଗାରି ନାଚିକା, ସିଙ୍ଗାରି ପ୍ରାଣିକା ପ୍ରମୁଖ କହିଛନ୍ତି। ଗ୍ରାମକୁ ଦଶମନ୍ତପୁର ବ୍ଲକ୍‌ରେ ସାମିଲ ନ କଲେ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି।

## ଅଭିଯୁକ୍ତଙ୍କୁ ପଳାତକ ଘୋଷଣା କଲେ କୋର୍ଟ

ପଟ୍ଟାଙ୍ଗି, ୨୪।୩(ଶରତ ଧଳ)

- କୋର୍ଟ ନିର୍ଦ୍ଦେଶ ଅବମାନନା
- ପୁକାଲିସ୍ଥିତ ଘରେ ପୋଲିସ ମାରିଲା ନୋଟିସ୍



ମୁରଲୀଙ୍କ ଘର କାନ୍ଥରେ ନୋଟିସ୍ ମାରିବା ପୂର୍ବରୁ ପୋଲିସ ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ରରେ ପ୍ରଚାର କରି ପଢି ଶୁଣାଉଛି।

କୋର୍ଟରୁ ଆସୁଥିବା ସମନକୁ ବାରମ୍ବାର ଅବମାନନା କରିବା ଏବେ ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ତାଙ୍କୁ ପଳାତକ ଘୋଷଣା କରିଛି। ଆଇନ ଉଲ୍ଲଂଘନ କରିଥିବାରୁ ପୋଲିସ ତାଙ୍କ ଗ୍ରାମରେ ପହଞ୍ଚି ତାଙ୍କ ଘର ସମ୍ମୁଖରେ ଡାକବାଜି ମାଧ୍ୟମରେ ପ୍ରଚାର କରି ଗିରଫ ପରୱାନାକୁ ଘର ସମ୍ମୁଖରେ ଲଗାଇଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପୁକାଲି ପଞ୍ଚାୟତର ରାଜୁସାହି କ୍ଷେତ୍ରରେ ।

ଉକ୍ତ ସାହିର ଟିପି ମୁରଲୀ ରାଜୁ ୨୦୧୫ରେ ନକଲି ନୋଟ୍ କାରବାରରେ ରାୟଗଡ଼ା ଜିଲାର ଟାଉନଥାନା ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ପରେ ସେ ଜାମିନରେ ଜେଲ୍‌ରୁ ମୁକୁଳି ଗ୍ରାମକୁ ଆସିଥିଲେ। ଏହାପରଠାରୁ ମୁରଲୀଙ୍କ ନାମରେ ରାୟଗଡ଼ା କୋର୍ଟରୁ ବାରମ୍ବାର ସମନ ଆସିଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରି ଚାଲିଥିଲେ । ଫଳରେ ତାଙ୍କ ନାମରେ ଜିଲା ଅତିରିକ୍ତ ଜଜ୍‌କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ଏହା ସତ୍ତ୍ୱେ ମୁରଲୀ ଆତ୍ମସମର୍ପଣ କରି ନ ଥିଲେ। ଶେଷରେ କୋର୍ଟ ତାଙ୍କ ଗ୍ରାମସ୍ଥିତ ଘରେ ପଳାତକ ନୋଟିସ ଲଗାଇଛନ୍ତି। ଆସନ୍ତା ୩୦ ଦିନ ମଧ୍ୟରେ ଆତ୍ମସମର୍ପଣ ନ କଲେ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସବୁ ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ତାଙ୍କ ଘର ସମ୍ମୁଖରେ ନୋଟିସ୍ ମାରିବା ସମୟରେ ଏସ୍‌ଆଇ କୁଞ୍ଜଲତା ବେହେରା, ଏଏସ୍‌ଆଇ ନରସିଂହ ଦୋରା, ମାନସ ରଞ୍ଜନ ସେଠୀଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ମାମଲାର କେସ୍ ନମ୍ବର ସିଟି ୧୦୪ବି /୧୫।

## କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ବାପ ପୁଅ ଗିରଫ

ବାଲିମେଳା, ୨୪।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ବାଲିମେଳା ସହରର ଦୈନିକ ବଜାରରେ ରହୁଥିବା ଟି. ଶଙ୍କରି ପାତ୍ର ଓ ତାଙ୍କ ପୁଅ ଟି. ସନ୍ତୋଷ ପାତ୍ର ଉଭୟଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୨୦ରେ କୌଣସି କାରଣରୁ ତାଙ୍କ ପଡ଼ୋଶୀଙ୍କ ସହ ଶଙ୍କରିଙ୍କ ଗଣ୍ଡଗୋଳ ହୋଇଥିଲା । ଏନେଇ ତାଙ୍କ ପଡୋଶୀ ଥାନାରେ ଉଭୟ ବାପା ପୁଅଙ୍କ ବିରୋଧରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଏକ ମାମଲା ୫୦।୨୦୨୦ ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଟି. ଶଙ୍କରି ଓ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉଭୟେ କିଛିମାସ ପରେ ଜାମିନରେ ଆସିଥିଲେ। ମାତ୍ର ଶଙ୍କରି ଓ ସନ୍ତୋଷ କୋର୍ଟର ନିର୍ଦ୍ଦେଶକୁ ଅବମାନନା କରି ଦୀର୍ଘ ବର୍ଷ ଧରି ନିର୍ଦ୍ଦିଷ୍ଟ ତାରିଖରେ କୋର୍ଟରେ ହାଜର ହେ ନ ଥିଲେ। ଫଳରେ ଉଭୟଙ୍କ ନାମରେ ଜମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି ।

## ବାସନ୍ତିକ ସାହିତ୍ୟ ଆସର



ସାହିତ୍ୟ ଆସରରେ ଉପସ୍ଥିତ ସାହିତ୍ୟିକମାନେ।

ତେନ୍ତୁଳିଖୁଣ୍ଟି, ୨୪।୩ (ଚିଦାନନ୍ଦ ସାହୁ)

**ଝଡ଼ ଓ ଉଷାର କାହାଣୀ ପୁସ୍ତକ ଉନ୍ମୋଚିତ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ରବିବାର ବାସନ୍ତିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସକାଳ ୧୦ଟାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପୀଠରେ ଧ୍ୟାନ ପରେ ମଞ୍ଚ ନିକଟରେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଫଟୋରେ ପୁଷ୍ପ ଓ ଧୂପ ପ୍ରଦାନ ଦିଆଯାଇଥିଲା । ନୀରବ ପ୍ରାର୍ଥନା ପରେ ସାହିତ୍ୟ ଆସର ଆରମ୍ଭ ହୋଇଥିଲା। ସାହିତ୍ୟ ଆସରର ପ୍ରଥମ ପର୍ଯ୍ୟାୟରେ 'ମୁଁ କାହିଁକି ଲେଖେ' ଶୀର୍ଷକରେ ବିଜୟ ଚୌଧୁରୀ ,ନାରାୟଣ ପଣ୍ଡା ବଲ୍ଲଭ ରାଉତ, ଜାହ୍ନବୀ ପଣ୍ଡା ପ୍ରମୁଖ ସାରସ୍ୱତ ସାଧକ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ରତିକାନ୍ତ ଦୁବେ କରିଥିଲେ।

ପରବର୍ତ୍ତୀ କାର୍ଯ୍ୟକ୍ରମ ଝଡ଼ ଓ ଉଷାର କାହାଣୀ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଧର ଶତପଥୀ ଉପକ୍ରମଣିକା କରିଥିବା ବେଳେ ଇଂ ସନ୍ତୋଷ ଗାହଣ, ଡ. ସୁଦର୍ଶନ ଦାସ, ଡ. ବିଜୟ ମିଶ୍ର ମଞ୍ଚାସୀନ ଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଡ. ମିଶ୍ର ପୁସ୍ତକ ସମ୍ପର୍କରେ ସମୀକ୍ଷା କରି ୬ ଭାଗରେ ପୁସ୍ତକର ପ୍ରତି ଗଳ୍ପର ଆଲେଖ୍ୟ ବର୍ଣ୍ଣନା କରିଥିଲେ। ପରେ ଗାଳ୍ପିକ ସୁଧିରାଜ ଓ ତାଙ୍କ ମା, ଭାଇ ତୃପ୍ତି, ସ୍ୱର୍ଣ୍ଣପ୍ରଭା ମହାକୁଡ, ସନ୍ତୋଷ ଗାହଣ, ସୁଦର୍ଶନ ଦାସ, ସୁରେଶ ବନ୍ଧୁ, ପ୍ରଦୀପ ପାଢ଼ୀ ପ୍ରମୁଖ ପୁସ୍ତକର ଉନ୍ମୋଚନ କରିଥିଲେ। ସାରସ୍ୱତ ସାଧକ ସନ୍ତୋଷ ଗାହଣ ପୁସ୍ତକ ସମୀକ୍ଷା କରିବା ସହ କିଛି ବୌଦ୍ଧିକ ପରାମର୍ଶ ଦେଇଥିଲେ।

## ୪ ଦେବଦେବୀ ଆସ୍ଥାନ ଛାଡ଼ି ପଡ଼ିଆ ଅଞ୍ଚଳକୁ ବିଜେ କଲେ

ପଡ଼ିଆ, ୨୪।୩(ଭାସ୍କର ରାଓ)



ପାହାଡ଼ ଗୁମ୍ଫାରୁ ଭକ୍ତଙ୍କ ଗହଣରେ ବିଜେ କରିଛନ୍ତି ପଡ଼ିଆ ବ୍ଲକ ସଦରମହକୁମାକୁ। ୩ ଦିନ ଚାଲିବ ଏହି ଯାତ୍ରା । ପୂଜା କମିଟି

ପଡ଼ିଆ ବ୍ଲକ ସଦର ମହକୁମାକୁ ଚାରି ଦେବଦେବୀ ନିଜ ଆସ୍ଥାନ ଛାଡ଼ି ବିଜେ କରିଛନ୍ତି। ରବିବାର ସ୍ନାନ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଦୁଇ ବର୍ଷରେ ଥରେ ନିଜ ଆସ୍ଥାନ ଛାଡ଼ି ପଡ଼ିଆ ବ୍ଲକ ସଦରକୁ ବିଜେକରି ବିଭିନ୍ନ ପଞ୍ଚାୟତ ଗ୍ରାମଗୁଡ଼ିକରୁ ଆସିଥିବା ଦେବଦେବୀଙ୍କ ସହ ଭେଟ ହେବେ ଚାରି ଦେବଦେବୀ। ଭକ୍ତଙ୍କ ଗହଳିରେ ଦର୍ଶନ ଦେଇ ଶେଷରେ କାଦୁଅରେ ହୋଲି ଖେଳି ଫେରିଯିବେ ନିଜ ନିଜ ଆସ୍ଥାନକୁ ଶ୍ରୀ କାନାମରାଜ, ବାଲରାଜ, ପୋତରାଜ ଓ ମା ମୁତ୍ୟାଲୁଆମ୍ମା। ରାଜୁଲୁ ସଭାପତି ଏସ୍.ସତ୍ୟନାରାୟଣ, ସମ୍ପାଦକ ରାମଚନ୍ଦ୍ର ମାଝି, ମୁଖ୍ୟ ପୂଜକ କୋଟାମ ଏଙ୍ଗୟା ଏବଂ ଶତାଧିକ ଭକ୍ତ ଶନିବାର ଅପରାହ୍ନରେ ସମୟ ନିର୍ଘଣ୍ଟ ଅନୁଯାୟୀ ରାଜୁଲୁ ପାହାଡ଼ ପାଦଦେଶରେ ପହଞ୍ଚି ପୂଜାର୍ଚ୍ଚନା କରି ଚାରି ଦେବଦେବୀଙ୍କୁ ଆବାହନ କରି ଗୁମ୍ଫାରୁ ଦେବୀମାନଙ୍କୁ ପାଛୋଟି ଆଣିଥିଲେ । ମୁଖ୍ୟ ପୂଜକଙ୍କ ସହ ମାଝି ରାମା ରାଓ, କୋରାପୁ ନରସିଂହ ରାଓ, କୋଟାମ ବାଲାୟା, କେ. ବାବୁରାଓ, ଜିରାମ ଗଙ୍ଗା ବାବୁ, ସାରକେ କ୍ରିଷ୍ଣା, ଅରୁନ କପିର, କୋରାପୁ ମାଣିକଣ୍ଠ କୁମେରୀ ରାଲା କୃଷ୍ଣଙ୍କ ସହ ଶତାଧିକ ଭକ୍ତ ଥିଲେ।

## ଝୁଲି ରହିଛି ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର

ମାଲକାନଗିରି, ୨୪।୩(ଦୁର୍ଯ୍ୟୋଧନ ପାତ୍ର)

ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ତାର। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ଗ୍ରାମ ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ବସ୍‌ଷ୍ଟପ୍‌ରେ ଅନେକ ଦିନ ହେବ ବିଦ୍ୟୁତ୍ ଯୋଗାଣ ପାଇଁ ଥିବା ଉଚ୍ଚ ଶକ୍ତି ସମ୍ପନ୍ନ ତାରଟି ତଳକୁ ଝୁଲି ରହିଛି । ତେବେ ସେହି ରାସ୍ତାଦେଇ ଅନେକ ବସ୍, ଟ୍ରକ୍, ଯାନବାହନ ଆଦି ଯାଉଥିବା ବେଳେ ଏହି ତାରଟି ବଡ଼ ଗାଡ଼ିଗୁଡ଼ିକରେ ଲାଗିଯିବାର ଭୟ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ବାରମ୍ବାର ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ, ଫଳରେ ଏହି ତାର ଦ୍ୱାରା ବଡ଼ଧରଣର ଅଘଟଣ ଘଟିବାର ସମ୍ଭାବନା ରହିଛି। ନିକଟରେ ସ୍କୁଲ ଥିବା ବେଳେ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର ଓ ବସ୍ ଯାତ୍ରୀ ଭୟ କରୁଥିବା ଦେଖିବାକୁ ମିଳିଛି । ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।



ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ୍ ତାର ।

## ଶାବର ଶ୍ରୀକ୍ଷେତ୍ରରେ ଦୋଳପୂର୍ଣ୍ଣିମା, ହୋଲି ଉତ୍ସବ

କୋରାପୁଟ, ୨୪।୩(ଅମିତାଭ ବେହେରା)



ଦୋଳ ବିମାନରେ ସାହି ବୁଲି ଭୋଗ ଖାଉଛନ୍ତି ରାଧାକୃଷ୍ଣ ।

ଅବିରର ପର୍ବ ଦୋଳ। ରଙ୍ଗର ରୋଶଣିରେ ଆନନ୍ଦଉଲ୍ଲାସର ସହ ପାଳନ ସମସ୍ତେ କରିଥାନ୍ତି ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ। କୋରାପୁଟ ସହର ମଧ ସେଥିରୁ ବାଦ ପଡିନି। ସହରର ଶାବର ଶ୍ରୀକ୍ଷେତ୍ର ମନ୍ଦିର ଓ କୋରାପୁଟ ସହରର ହାତୀଲାଇନସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଏହି ଉତ୍ସବ ପାଳନ ଲାଗି ସମସ୍ତ ପ୍ରସ୍ତୁତି କରିଛି ଉଭୟ ମନ୍ଦିର ପରିଚାଳନା କମିଟି। ଶାବର ଶ୍ରୀକ୍ଷେତ୍ରର ମଦନ ମୋହନ ଓ ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କ ଦୋଳ ବିମାନଗୁଡିକ ବାଜା ବାଜଣାରେ ଗତ ଫଗୁ ଦଶମୀଠାରୁ ସହରର ବିଭିନ୍ନ ସାହି ବୁଲି ରାଧାକୃଷ୍ଣ ଭୋଗ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ରାଧାକୃଷ୍ଣ ମନ୍ଦିରରେ ଏହି ପର୍ବ ପାଇଁ କିପରି ପ୍ରସ୍ତୁତି ହୋଇଛି ସେ ସମ୍ପର୍କରେ ମନ୍ଦିର ମୁଖ୍ୟ ପୂଜକ ଜୟକୃଷ୍ଣ ମିଶ୍ର କହନ୍ତି, ଗତ ୨୮ ବର୍ଷ ଧରି ଏହି ମନ୍ଦିର କମିଟି ପକ୍ଷରୁ ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଳନ ହୋଇଆସୁଛି। ଚଳିତ ବର୍ଷ ଫଗୁ ଦଶମୀଠାରୁ ମନ୍ଦିରର ରାଧାକୃଷ୍ଣ ଦୋଳ ବିମାନରେ ପ୍ରତ୍ୟହ ସନ୍ଧ୍ୟା ୫ଟାରୁ ରାତି ୧୨ଟା ଯାଏ ସହରର ବିଭିନ୍ନ ସାହି ପରିକ୍ରମା କରୁଛନ୍ତି। ଦୋଳ ପୂର୍ଣ୍ଣିମା ଦିନ ଠାକୁରଙ୍କ ଝୁଲଣ ଉତ୍ସବ ସହ ରାତିରେ ପାଞ୍ଜି ପଠନ କରାଯିବାର କାର୍ଯ୍ୟକ୍ରମ ରହିଛି। ହୋଲି ଦିନ ଠାକୁରଙ୍କ ଦୋଳବିମାନ ସହର ପରିକ୍ରମା କରିବ ବୋଲି ମିଶ୍ର କହିଛନ୍ତି। ମନ୍ଦିର କମିଟି ସଭାପତି କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ନବୀନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳିତ ହେଉଛି।

ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ ଗତ ଫଗୁ ଦଶମୀଠାରୁ ପ୍ରଭୁ ମଦନ ମୋହନଙ୍କ ଦୋଳ ବିମାନ ସହରର ବିଭିନ୍ନ ସାହି ପରିକ୍ରମା କରି ଭକ୍ତଙ୍କଠାରୁ ଭୋଗ ଓ ଅବିର ଗ୍ରହଣ କରିଛନ୍ତି ବୋଲି ପୂଜକ ନରି ଶତପଥୀ କହିଛନ୍ତି। ପ୍ରତିଦିନ ଠାକୁର ପରିକ୍ରମା ଶେଷ କରି ଆସିବା ପରେ ମନ୍ଦିର ନିକଟରେ ହୋଇଥିବା ଦୋଳମଣ୍ଡପରେ ଠାକୁରଙ୍କୁ ଦୋଳ ଝୁଲଣରେ ଝୁଲାଯାଉଥିବା ସେ କହିଛନ୍ତି। ସେହିପରି ଦୋଳ ପୂର୍ଣ୍ଣିମା ଦିନ ମଦନ ମୋହନ ଦୋଳ ବିମାନରେ ସହର ପରିଦର୍ଶନ ସହ ଭକ୍ତଙ୍କ ଅବିର ଗ୍ରହଣ କରିବେ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି।

